ଧରିତ୍ରୀ
DHARITRI
June 30-July 6, 2019 ₹ 2/-

# ଛୁଟିଦିନ



# ୭ ମଣୋହି

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତି କାନ୍ତି ଠାରୁ ଆରମ୍ଭ କରି ପ୍ରଚଳିତ ବିଧି-ବ୍ୟବସ୍ଥା ସବୁକିଛି ସ୍ୱତନ୍ତ୍ର। ସେମିତି ଭକ୍ତି ଭାବନାରେ ମହାପ୍ରଭୁଙ୍କୁ ଭୋଗ ଅର୍ପଣ କରିବାକୁ କୁହାଯାଏ 'ମଣୋହି'। ଏହିଭଳି ସାତପ୍ରକାର ମଣୋହି ବ୍ୟବସ୍ଥା ଶ୍ରୀମନ୍ଦିରରେ ପ୍ରଚଳିତ। ଯାହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆପଣାପଣିଆର ପ୍ରତୀକ ପାଲଟିଛି...

୩ ପ୍ରଚ୍ଛଦ ପ୍ରସଙ୍ଗ



୧୩ ସହରଠୁ ଦୂର

୮/୯ ସିନେମା





# ଷ୍ଟାର୍ଟଅପ୍ ଆରମ୍ଭ କରୁଥିଲେ..



* କେଉଁ ବିଜ୍‌ନେସ କରିବାକୁ ଚାହୁଁଛନ୍ତି ସର୍ବପ୍ରଥମେ ତା'ର ନିଷ୍ପତ୍ତି ନିଅନ୍ତୁ ।
* ବିଜ୍‌ନେସକୁ ନେଇ କନ୍‌ଫିଡେଣ୍ଟ ରୁହନ୍ତୁ ।
* ଯେଉଁ ବିଜ୍‌ନେସ କରିବାକୁ ଚାହୁଁଛନ୍ତି ସେ ବିଷୟରେ ବିସ୍ତୃତ ଜ୍ଞାନ ଆହରଣ କରିବା ଜରୁରୀ ।
* ବିଜ୍‌ନେସକୁ ନେଇ ମାର୍କେଟ ଷ୍ଟଡି ମଧ୍ୟ କରିବା ଆବଶ୍ୟକ ।
* ରିସ୍କ ନେବାର ସାହସ ରଖିବା ମଧ୍ୟ ଜରୁରୀ ।
* ମନ ମଧ୍ୟରେ ବିଜ୍‌ନେସକୁ ନେଇ ଯଦି କିଛି ସନ୍ଦେହ ଥାଏ ତେବେ ଜଣେ ଏକ୍ସପର୍ଟଙ୍କ ପରାମର୍ଶ ନେଇପାରିବେ ।
* କେବଳ ସଫଳତା ନୁହଁ ବିଫଳତା ପାଇଁ ମଧ୍ୟ ପ୍ରସ୍ତୁତ ରୁହନ୍ତୁ ।
* ଆରମ୍ଭ କରୁଥିବା ବିଜ୍‌ନେସ ଯଦି ସଫଳ ନ ହୁଏ ତେବେ ପରବର୍ତ୍ତୀ ଯୋଜନା ଆଗରୁ ପ୍ରସ୍ତୁତ କରି ରଖନ୍ତୁ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୩୦-ଜୁଲାଇ ୬

### ମେଷ
ନୂତନ ଯୋଜନାରମ୍ଭ, ପରିବାରରେ କଳହ, ଠକାମିରେ ପଡିବେ, ସ୍ୱାୟବିକ ଦୁର୍ବଳତା, ଅର୍ଥଲାଭ, ଦୂରଯାତ୍ରା । ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ, ମାଙ୍ଗଳିକ କାର୍ଯ୍ୟ, ସନ୍ତାନବର୍ଗରେ ଉନ୍ନତି, ବ୍ୟବସାୟିକ ସଫଳତା ।

### ବୃଷ
କର୍ମୋନ୍ନତି, ବନ୍ଧୁସହ ଯାତ୍ରା, ପଦମର୍ଯ୍ୟାଦା ବୃଦ୍ଧି । ସ୍ୱଜନଙ୍କ ବିବାଦ, ଅର୍ଥ ପ୍ରାପ୍ତି, ଇଚ୍ଛା ବିରୁଦ୍ଧରେ କାମ । ବିପଦ ସମ୍ମୁଖୀନ ହେବେ, ସହକର୍ମୀଙ୍କ ସହାୟତା । ଗୃହ ପରିବର୍ତ୍ତନ, ଶରୀରପୀଡା, ପାରିବାରିକ କଳହ ।

### ମିଥୁନ
କାର୍ଯ୍ୟସିଦ୍ଧି, ନୂତନ ବନ୍ଧୁତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପରୋକ୍ଷ ଶତ୍ରୁତା, ବିଭିନ୍ନ ସୂତ୍ରରୁ ରୋଜଗାର । ଭୁଲ୍ ଖବର ପାଇବେ, ଭ୍ରମଣ ହେତୁକ କ୍ଳାନ୍ତି । ପଦମର୍ଯ୍ୟାଦା ବୃଦ୍ଧି, କଳା ସଙ୍ଗୀତରେ ରୁଚି ।

### କର୍କଟ
ପ୍ରତିକୂଳ ପରିସ୍ଥିତି, ସହକର୍ମୀଙ୍କ ଅସହଯୋଗ, ବ୍ୟବସାୟ ସଙ୍କୁଚିତ, ପ୍ରତୀକ୍ଷିତ ଖବର ପାଇବେ, ସାହାଯ୍ୟ ପ୍ରତିଶ୍ରୁତି । ଅତିଥି ଚର୍ଚ୍ଚା, କଳା, ସାହିତ୍ୟରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ । ଅବସାଦ, ପରୋକ୍ଷ ଶତ୍ରୁତା, ବିଚଳିତବୋଧ ।

### ସିଂହ
କଳହ ସୃଷ୍ଟି, ସଫଳତାରେ ଆନନ୍ଦ । ପୈତୃକ ସମ୍ପତ୍ତି ପାଇଁ ଟଣାଓଟରା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା । ସମସ୍ୟା ସମାଧାନ, ବନ୍ଧୁଙ୍କ ସାହାଯ୍ୟ । ଶୁଭ ସମ୍ବାଦ, ଆମୋଦ ପ୍ରମୋଦର ମଉକା ।

### କନ୍ୟା
ସଭା ସମିତିରେ ସଫଳତା, ଶତ୍ରୁତାର ଅବସାନ, ଦୂରଯାତ୍ରା କରିବାକୁ ପଡିପାରେ । ଧାର କରିବେ, ଖାଦ୍ୟପେୟ ଠିକ୍ ରହିବ ନାହିଁ, ସାମ୍ବାଦିକତାରେ ପ୍ରଶଂସିତ ହେବେ ।

### ତୁଳା
ବନ୍ଧୁମିଳନ, ଖୁସିର ଆସର ଜମିବ, ଅଧସ୍ତନଙ୍କ ଅନୁରକ୍ତି । ଆଶାନୁରୂପ ଫଳ, ଯାନ୍ତ୍ରିକ ତ୍ରୁଟି, ବ୍ୟୟବୃଦ୍ଧି, ସମ୍ପର୍କରେ ତିକ୍ତତା, ମନରେ ବିରକ୍ତିଭାବ, କର୍ମକ୍ଷେତ୍ରରେ ମତପାର୍ଥକ୍ୟ, ବ୍ୟବସାୟରେ ଝଗଡା, ଯାତ୍ରାରେ ସମସ୍ୟା ।

### ବିଛା
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଅର୍ଥ ସଂକଟ, ପଡୋଶୀଙ୍କ ବଦାନ୍ୟତା, ଫଳପ୍ରଦ ଆଲୋଚନା, ଋଣଗ୍ରସ୍ତ ହେବେ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ସମସ୍ୟା ସମାଧାନ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥି, ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ ।

### ଧନୁ
ଲୋକପ୍ରିୟତା ବୃଦ୍ଧି, କର୍ମଜଞ୍ଜାଳ ବଢ଼ିବ, ଦୂରଯାତ୍ରା କରିବେ, ନୂତନ କାମର ପରିକଳ୍ପନା, ଲେଖାପଢ଼ାରେ ଅଭିରୁଚି, ସାମୟିକ ଟେନ୍‌ସନ, ସମ୍ପର୍କରେ ଆଂଶିକ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆମଦାନୀ କାରବାର ବୃଦ୍ଧି, କଳାରୁ ସମ୍ମାନ ।।


### ମକର
କାମରେ ପ୍ରତିବନ୍ଧକ, ପଡ଼ୋଶୀଙ୍କ କ୍ରୋଧ । ନିଜ ଲୋକଙ୍କ ବିଶ୍ୱାସଘାତକତା, ପରିବହନରେ ଝଗଡା, ବାଣିଜ୍ୟରେ ପ୍ରତିବନ୍ଧକ । ବୁଝାମଣା ନେଇ ତିକ୍ତତା, ସନ୍ତାନଙ୍କ ବିଶୃଙ୍ଖଳା, ପ୍ରଶଂସା ବଦଳରେ ଅଭିଯୋଗ ।

### କୁମ୍ଭ
ସରକାରୀ କ୍ଷେତ୍ରରୁ ଲାଭ, ସନ୍ଦେହ ଓ ଭୁଲ୍ ବୁଝାମଣା । ସମସ୍ୟା ବଢ଼ିପାରେ । ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସୁଯୋଗ ହରାଇବେ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ସଂକଟର ସମ୍ମୁଖୀନ ହେବେ । ବିଶ୍ୱାସ କରି ହଇରାଣ, ଉନ୍ନୟନମୂଳକ କାମରେ ବାଧା ।

### ମୀନ
ବନ୍ଧୁଙ୍କ ଭ୍ରମଧାରଣା, ଆୟ ତୁଳନାରେ ବ୍ୟୟ ଅଧିକ । ନୂତନ କର୍ମାରମ୍ଭ, ଉଚ୍ଚାଟ ଘଟିପାରେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି । ସମସ୍ୟାର ସମାଧାନ, ନୂତନ ସମ୍ପର୍କ ସୃଷ୍ଟି, ପ୍ରଶାସନିକ ସଫଳତା, ସାମ୍ବାଦିକତାରୁ ପ୍ରଶଂସା ।

# ଶତାବ୍ଦୀ ପୁରୁଣା ବୁକ୍‌ଷ୍ଟୋର

ଟେକ୍ନୋଲୋଜିର ଅଗ୍ରଗତି ଫଳରେ ଆଜିକାଲି ସବୁକିଛି ଡିଜିଟାଲାଇଜ୍ ହୋଇଯାଇଛି । ଏମିତି କି ପାଠ୍ୟପୁସ୍ତକର ସ୍ଥାନ ନେଇଯାଇଛି ଇ-ବୁକ୍ସ୍ । ଆଜିକାଲି ସ୍ମାର୍ଟ ଫୋନ୍ ଏବଂ ଟ୍ୟାବ୍ ମାଧ୍ୟମରେ ଲୋକମାନେ ହାତପାହାନ୍ତାରେ ସମସ୍ତ ପ୍ରକାର ବହି, ମାଗାଜିନ୍ ପଢିବାର ସୁଯୋଗ ପାଇପାରୁଥିବା ବେଳେ ଆଜି ମଧ୍ୟ ପର୍ତ୍ତୁଗାଲର ପର୍ତ୍ତୋ ସହରରେ ଥିବା ଶତାବ୍ଦୀ ପୁରୁଣା ବୁକ୍‌ଷ୍ଟୋର ସେଠାକାର ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି । 'ଲିଭରାରିଆ ଲେଲ୍ଲୋ' ନାମକ ଏହି ବୁକ୍ ଷ୍ଟୋର ମଧ୍ୟକୁ ପ୍ରବେଶ କରିବା ପାଇଁ ଲୋକଙ୍କ ଲମ୍ବା ଲାଇନ୍ ଲାଗିଥାଏ । ୧୮୮୧ ମସିହାରେ ସ୍ଥାପନ କରାଯାଇଥିବା ଏହି ବୁକ୍‌ଷ୍ଟୋର ମଧ୍ୟକୁ ପ୍ରବେଶ କରିବା ପାଇଁ ଗ୍ରାହକଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡିଥାଏ । ଏଠାରେ ଇଂଲିଶ୍ ପୁସ୍ତକ ବ୍ୟତୀତ ପର୍ତ୍ତୁଗୀଜ୍, ଜର୍ମାନ, ଫ୍ରାନ୍ସିସି, ସ୍ପେନି ଆଦି ଭାଷାର ଅନେକ ପୁସ୍ତକ ଉପଲବ୍ଧ ଅଛି । ଏହି ବୁକ୍‌ଷ୍ଟୋରର ଅନ୍ୟ ଏକ ବିଶେଷତା ହେଉଛି ଏହାର ଆଭ୍ୟନ୍ତରୀଣ ସାଜସଜ୍ଜା । କାଠର କଳାକୃତିରେ ନିର୍ମିତ ସେଲ୍ଫ ତଥା ରଙ୍ଗ ବେରଙ୍ଗର ଛାତ ଏହି ସ୍ଥାନକୁ ଅଧିକ ଆକର୍ଷଣୀୟ କରିଥାଏ । କୁହାଯାଏ ହ୍ୟାରିପୋର୍ଟର ପୁସ୍ତକର ଲେଖିକା ଜେ.କେ. ରୋଲିଙ୍ଗ ଏହି ପୁସ୍ତକାଳୟର ଇଣ୍ଟେରିୟରରୁ ଅନୁପ୍ରାଣିତ ହୋଇ ହ୍ୟାରିପୋର୍ଟର କାହାଣୀରେ ଯାଦୁ ଶିକ୍ଷା ଦିଆଯାଉଥିବା ସ୍କୁଲ ହୋଗୱାର୍ଟସ୍‌ର ରଚନା କରିଥିଲେ ।



# ପାଠକୀୟ

■ସିଏ ପାଖରେ ଥିଲେ ଦେହରେ ଶତସିଂହର ବଳ ଆସେ । କୌଣସି କଥାକୁ ଭୟ ଲାଗେନା କି ଚଲାପଥରେ କେବେ କଣ୍ଟା ଫୁଟେନା । କିନ୍ତୁ ବେଳେବେଳେ ପିଲାଙ୍କୁ ସୁପଥଗାମୀ କରାଇବା ପାଇଁ ସେଇ ବାପା ନିଜକୁ କଠୋର କରନ୍ତି, ରାଗନ୍ତି, ଗାଳି ଦିଅନ୍ତି । ତେଣୁ ବାପାଙ୍କ ଗାଳି କେମିତି ପିଲାମାନଙ୍କୁ ଭଲ ମଣିଷ କରାଇପାରିଛି, ସେହି ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା । 'ରିଭର ଅଫ୍ ଫାଇଭ୍ କଲର୍ସ', 'ମେସେଜ୍ ବା ଚାଟ୍ କରୁଥିଲେ' ଆଦି ପାଠ ଦୁଇଟିରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା ।

***-ରଶ୍ମିତା ପାଇକରାୟ, ଅଠରନଳା, ପୁରୀ***

■ବାପାଙ୍କ ଗାଳି ପିଲାମାନଙ୍କୁ କଷ୍ଟ ଲାଗୁଥିଲେ ବି ଏହା ସେମାନଙ୍କ ଭବିଷ୍ୟତକୁ ସୁଧାରିବାରେ ବହୁତ ସାହାଯ୍ୟ କରିଥାଏ । ତେଣୁ ବାପାଙ୍କ ଗାଳିକୁ ଗାଳି ନୁହେଁ ବରଂ ଆଶୀର୍ବାଦ ଭାବି ଯେଉଁମାନେ ଆଗକୁ ବଢ଼ନ୍ତି, ଶେଷରେ ସେମାନେ ହୁଅନ୍ତି ସଫଳ । ଖାସ୍ ସେଇଥିପାଇଁ ଛୁଟିଦିନରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବାପାଙ୍କ ଗାଳି' ମୋ ମନକୁ ବେଶ୍ ଛୁଇଁଗଲା । 'ଶ୍ରୀଚନ୍ଦନ ପରିବାର: ସଦସ୍ୟ ୧୨୩' ପାଠଟିରୁ ଓଡ଼ିଶାର ଏକ ବଡ଼ ପରିବାର ସମ୍ପର୍କରେ ଜାଣିବାକୁ ମିଳିଲା ।

***-ଯମୁନା ଦାଶ, ନିମାପଡ଼ା, ପୁରୀ***

■ବ୍ୟକ୍ତିତ୍ୱ ପୃଷ୍ଠାରୁ ଇଂଲିଶ ଲେଖକ ଅମିତାଭ୍ ଘୋଷଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ସୃଜନ ପୃଷ୍ଠାରୁ ବାପାଙ୍କ ଉପରେ ଆଧାରିତ ଦୁଇଟି ଗପ ପଢ଼ିଲି, ଯାହା ବେଶ୍ ମନଛୁଆଁ ହୋଇଥିଲା । ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ 'ଦୋଛକିରେ ପଡ଼ିଛନ୍ତି ଶାହରୁଖ୍', 'ଆଶାରେ ଅଭିଷେକ' ଏବଂ 'ଜନ୍ ଯାହା ଚାହୁଁଥିଲେ' ଆଦି ପାଠଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଥିଲା ।

***-ତନୁଜା ସେଠୀ, ସିଆରପି ଛକ, ଭୁବନେଶ୍ୱର***

■ଲେଖକ, ସଂସ୍କୃତିପ୍ରେମୀ ତଥା ଜୟୀ ରାଜଗୁରୁ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଜଟାଧାରୀ ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା । ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ମନଛୁଆଁ ହୋଇଥିଲା । 'ସାଗର ଶ୍ରୀକ୍ଷେତ୍ର' ପାଠଟିରୁ ପ୍ରଭୁଙ୍କ ଲୀଳା ସମ୍ପର୍କରେ ଅନେକ ଲୁକ୍କାୟିତ କଥା ଜାଣିହେଲା । ସେହିପରି ସହର ପୃଷ୍ଠାରୁ 'ହଳଦୀ ଉତ୍ପାଦନର ସହର ଇରୋଡ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା ।

***-ଗୌତମ ବେହେରା, ଅନନ୍ତପୁର, ଫୁଲନଖରା***

■ବିବିଧା ପୃଷ୍ଠାରେ ସ୍ଥାନିତ 'ପତ୍ର, କାଦୁଅ, କୋଇଲାରେ ଚିତ୍ର' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ସର୍କସର ନୂଆ ପ୍ରୟାସ: ସତ ନୁହେଁ ହୋଲୋଗ୍ରାମ୍ ପ୍ରାଣୀ' ଓ 'ପାଟି ନୁହେଁ ପର୍ସ' ଆଦି ପାଠଗୁଡ଼ିକ ବେଶ୍ ମଜାଦାର ଥିଲା । ସେହିପରି ଯାତ୍ରା ପୃଷ୍ଠାରୁ 'ସୁଧାଂଶୁ ଶେଖର ବସନ୍ତ' ଏବଂ 'ସତ୍ୟସୁନ୍ଦର ପତି'ଙ୍କ ଯାତ୍ରା ଇନିଂସ୍ ସମ୍ପର୍କରେ ପଢ଼ି ମନ ଖୁସି ଲାଗିଲା ।

***-ବନବିହାରୀ ପତି, ଜଳେଶ୍ୱର, ବାଲେଶ୍ୱର***

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ ସବୁଠୁ ବଢ଼ିଆ,
ଯେତେଥର ପଢ଼ିଲେ ବି ଲାଗେ ନୂଆ ନୂଆ ।
ସବୁ ପାଠକଙ୍କ ପାଇଁ ଲେଖା ଆଣୁଅଛି,
ଯିଏ ଥରେ ପଢ଼ିଛି ସିଏ ତାକୁ ଖୋଜୁଛି ।
ପ୍ରଚ୍ଛଦ ପ୍ରସଙ୍ଗ, ବ୍ୟାକ୍‌ପେଜ୍ ଖବର,
ମନ ମୋହେ ସିନେମା, ସାଥୀର ଉତ୍ତର ।

***-ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ୭ ମଣୋହି



**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତି କାନ୍ତି ଠାରୁ ଆରମ୍ଭ କରି ପ୍ରଚଳିତ ବିଧି-ବ୍ୟବସ୍ଥା ସବୁକିଛି ସ୍ୱତନ୍ତ୍ର। ସେମିତି ଭକ୍ତି ଭାବନାରେ ମହାପ୍ରଭୁଙ୍କୁ ଭୋଗ ଅର୍ପଣ କରିବାକୁ କୁହାଯାଏ 'ମଣୋହି'। ଏହିଭଳି ସାତପ୍ରକାର ମଣୋହି ବ୍ୟବସ୍ଥା ଶ୍ରୀମନ୍ଦିରରେ ପ୍ରଚଳିତ। ଯାହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆପଣାପଣିଆର ପ୍ରତୀକ ପାଲଟିଛି...**

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ଏ ଜାତିର ପ୍ରାଣ ପରିଚୟ। ପୁଣି ଭାରତୀୟ ଉପାସନା ଧାରାରେ ମର୍ଯ୍ୟାଦାବନ୍ତ ଶ୍ରୀମନ୍ଦିରର ପରମ୍ପରା। ନୀତି କାନ୍ତି ଠାରୁ ଆରମ୍ଭ କରି ପ୍ରଚଳିତ ବିଧି-ବ୍ୟବସ୍ଥା ଏଠାରେ ସ୍ୱତନ୍ତ୍ର। ଏହି କ୍ରମରେ କାହିଁ କେଉଁ କାଳରୁ ଏଠାରେ ଚାଲି ଆସିଥିବା 'ଭୋଗ ଅର୍ପଣ ବ୍ୟବସ୍ଥା' ବି ସାରା ଦେଶରେ ବିରଳ।

ଭକ୍ତି ଭାବନାରେ ମହାପ୍ରଭୁଙ୍କୁ ଭୋଗ ଅର୍ପଣ କରିବାକୁ କୁହାଯାଏ 'ମଣୋହି'। ଏହିଭଳି ସାତପ୍ରକାର ମଣୋହି ବ୍ୟବସ୍ଥା ଶ୍ରୀମନ୍ଦିରରେ ପ୍ରଚଳିତ। ଏହି 'ମଣୋହି' ଶବ୍ଦ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହିଁ ହୋଇଯାଇଛି ଆପଣାପଣିଆର ପ୍ରତୀକ । ଓଡ଼ିଆ ଲୋକେ ନିଜ ଘରର ସଦସ୍ୟ ଭାବେ ଯେମିତି ମହାପ୍ରଭୁଙ୍କୁ ଖୁଆଇ ଦେଉଛନ୍ତି!

**ଅମୃତ ମଣୋହି:** ମହାପ୍ରଭୁଙ୍କ ରତ୍ନ ସିଂହାସନ ନିକଟରେ ହେଉଥିବା ଭୋଗ ଷୋଡ଼ଶ ଉପଚାରରେ କରାଯାଏ। ଆଉ ଭୋଗ ମଣ୍ଡପରେ ୫ ଉପଚାରରେ ଭୋଗ ଅର୍ପଣ ହୁଏ। ଏହି ନୈବେଦ୍ୟ ଅର୍ପଣ ପରେ ଏହାକୁ କୁହାଯାଏ 'ମହାପ୍ରସାଦ'। ମହାପ୍ରସାଦର ମହନୀୟତା ଦୃଷ୍ଟିରୁ ଅର୍ପିତ ନୈବେଦ୍ୟ ଅମୃତ ବୋଲି ମହାଜନମାନେ ଗ୍ରହଣ କରିଥିଲେ। ତେଣୁ ତାହା 'ଅମୃତ ମଣୋହି' ଭାବେ ପ୍ରସିଦ୍ଧ। ଏହାକୁ ମଧ୍ୟ କୁହାଯାଏ ସଙ୍ଖୁଡ଼ି ମଣୋହି।

**ଶୀତଳ ମଣୋହି:** ଶ୍ରୀମନ୍ଦିରରେ ସଙ୍ଖୁଡ଼ି ମଣୋହି ପରି ରହିଛି ଶୀତଳ ମଣୋହି ବ୍ୟବସ୍ଥା । ରନ୍ଧା ନୈବେଦ୍ୟକୁ ସଙ୍ଖୁଡ଼ି ମଣୋହି ଏବଂ ଫଳମୂଳ, ଖଇକୋରା ତଥା ତଦ୍‌ଜାତୀୟ ନୈବେଦ୍ୟକୁ କୁହାଯାଏ ଶୀତଳ ମଣୋହି । ଏହି ଶୀତଳ ମଣୋହି ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ରଥ ଉପରେ ଶ୍ରୀବିଗ୍ରହମାନେ ଥିବାବେଳେ ସମ୍ପନ୍ନ ହୋଇଥାଏ।

ଶ୍ରୀମନ୍ଦିର ଉପରେ ହୋଇଥିଲା ୧୮ଥର ଆକ୍ରମଣ। ଏହି ସମୟରେ ମହାପ୍ରଭୁ କେତେବେଳେ ନଦୀବକ୍ଷରେ, କେବେ ଚିଲିକା ବକ୍ଷରେ, କେବେ ଗିରିକନ୍ଦରରେ ତ କେବେ ପାହାଡ଼ ଗୁମ୍ଫାରେ, କେବେ ସୁଧାଲିପ୍ତ ମଣ୍ଡପରେ ତ କେବେ ଆଶ୍ରମରେ ପୁଣି କେବେ କୌଣସି ମନ୍ଦିରର ଜଗମୋହନରେ ଲୀଳା କରିଥିଲେ। ସେତେବେଳେ ବି 'ଶୀତଳ ମଣୋହି' ସମର୍ପିତ ହୋଇଥିବା କଥା ମାଦଳା ପାଞ୍ଜିରୁ ଜଣାଯାଏ।

**ସର୍ପ ମଣୋହି:** ଅନେକ ଆଲୋଚକ 'ସର୍ପା ମଣୋହି' ଶବ୍ଦ ବ୍ୟବହାର କରିଛନ୍ତି। ବାସ୍ତବରେ ଏହା ସର୍ପ ମଣୋହି। ସର୍ପ ହେଉଛି କୁଣ୍ଡଳିନୀ ଶକ୍ତିର ପ୍ରତୀକ। କୁଣ୍ଡଳିନୀ ଶକ୍ତିର ସାକାର ଏବଂ ନିରାକାର ରୂପ ହେଉଛନ୍ତି ମହାପ୍ରଭୁ। କୁଣ୍ଡଳିନୀକୁ 'ବ୍ରହ୍ମ' ସ୍ୱରୂପରେ ଗ୍ରହଣ କରାଯାଏ। ସାକ୍ଷାତ୍ ବ୍ରହ୍ମଙ୍କୁ ଭକ୍ତିର ସହିତ ସମର୍ପିତ ଭୋଗ ହିଁ ସର୍ପ ମଣୋହି ଭାବେ ବିଦିତ। ଭୋଗ ସମର୍ପଣ କଲାବେଳେ କୁଣ୍ଡଳିନୀ ମୁଦ୍ରାରେ ଏହାକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ। ଆଡ଼ପ ମଣ୍ଡପରେ, ରଥ ଉପରେ, ରଥଦାଣ୍ଡରେ

→







ଏବଂ ଜଗମୋହନରେ ଏହିପରି ମଣୋହି ହୋଇଥାଏ । ବଡ଼ଦାଣ୍ଡରେ ପୋଡ଼ପିଠା ଭୋଗ ମଧ୍ୟ ଏହି ମଣୋହିରେ ଅର୍ପଣ କରାଯାଇଥାଏ । ଭକ୍ତମାନେ ବଡ଼ଦାଣ୍ଡରେ ରଥ ଉପରେ ମହାପ୍ରଭୁ ବିଜେ କରିଥିବାବେଳେ ଯେଉଁ ଭୋଗ ଅର୍ପଣ କରନ୍ତି ତାହା ମଧ୍ୟ ସର୍ପ ମଣୋହି ପଦବାଚ୍ୟ ।

**ଅମୃତ ମଣୋହିରେ ଯାହା ବ୍ୟବହୃତ ହୁଏନି:**
ମସଲା: ଲଙ୍କାଗୁଣ୍ଡ,ଗରମ ମସଲା,କଳାଜିରା,କାଜୁ,ଗୁଜୁରାତି ।
ପରିବା: ବିଲାତି ଆଳୁ,ଟମାଟୋ,ସଜନାଛୁଇଁ,ଅମୃତଭଣ୍ଡା,ଲାଉ, ଭେଣ୍ଡି,ପିଆଜ,ଝୁଡଙ୍ଗ ଛୁଇଁ,କ୍ୟାପସିକମ୍,ରସୁଣ,କଞ୍ଚାଲଙ୍କା,ଫୁଲ ଓ ପତ୍ର କୋବି,ବିନ୍ସ,କଲରା,ବିଟ୍,ଗାଜର,ମଟରଛୁଇଁ,ପିଆଜ ଷଣ୍ଢା ଇତ୍ୟାଦି ।

**ଚକ୍ର ମଣୋହି:** ଶ୍ରୀମନ୍ଦିରରେ ଶ୍ରୀ ଚକ୍ରରାଜ ପ୍ରତିନିଧି ଭାବେ ଶ୍ରୀଜଗନ୍ନାଥଙ୍କ ଜଗତମଙ୍ଗଳ ଲୀଳା କରିଥାନ୍ତି । ତେଣୁ ଶ୍ରୀମନ୍ଦିର ଉପରେ ଥିବା 'ନୀଳଚକ୍ର' ଶ୍ରୀ ଚକ୍ରରାଜଙ୍କ ସହିତ ସମାନ ମର୍ଯ୍ୟାଦାରେ ଭକ୍ତ ଭକ୍ତିଭାବ ସମର୍ପିତ କରିଥାଏ । ଶାସ୍ତ୍ରରୁ ଜଣାପଡ଼େ ୬ଷ୍ଠ ଶତକରେ ଏହି ପରମ୍ପରା ଥିଲା । ସାଧୁ, ସନ୍ଥ ଓ ଭକ୍ତ ଦୂରରୁ ନୀଳଚକ୍ରଙ୍କୁ ପ୍ରଣାମ କରି ମହାପ୍ରଭୁଙ୍କ ପ୍ରତି ଭକ୍ତି ନିବେଦନ କରିଥାନ୍ତି । ତାମିଲନାଡୁର ଅଲୱାର ସମ୍ପ୍ରଦାୟର ସାଧୁମାନେ ନୀଳଚକ୍ରଙ୍କୁ ଦୂରରୁ ଦର୍ଶନ କରି ଭାବାବେଶ ହୋଇଯାଇଥିଲେ । ଯାହାର ପ୍ରମାଣ ସଂସ୍କୃତ ଏବଂ ତାମିଲ ସାହିତ୍ୟରେ ବହୁଳ ଭାବେ ବର୍ଣ୍ଣନା କରାଯାଇଛି ।

ଶ୍ରୀଜଗନ୍ନାଥଙ୍କ ପ୍ରତି ଉଦ୍ଦେଶ୍ୟ ରଖି ନୀଳଚକ୍ରଙ୍କୁ ଯେଉଁ ଭୋଗ ଅର୍ପଣ କରାଯାଏ, ତାହାକୁ ଚକ୍ର ମଣୋହି କୁହାଯାଏ । ନୀଳଚକ୍ର ଦିଶୁ ନ ଥିବା ସ୍ଥାନରେ ମଧ୍ୟ ଭକ୍ତ ବାହାରକୁ ଆସି ଚକ୍ର ମଣୋହି କରାଇଥାନ୍ତି । ଓଡ଼ିଶାରେ ବାଟପୂଜା ପରମ୍ପରାରେ ମଧ୍ୟ ନୀଳଚକ୍ରଙ୍କୁ ଅନେକେ ଚକ୍ର ମଣୋହି କରିଥାନ୍ତି । ପ୍ରାଚୀନ କାଳରୁ ଓଡ଼ିଶାରେ ପୁରୁଣା ଜଗନ୍ନାଥ ସଡ଼କ ଉପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯେଉଁ ଭୋଗ ଅର୍ପଣ କରାଯାଉଥିଲା ତାହାକୁ ମଧ୍ୟ ଚକ୍ର ମଣୋହି କହିପାରିବା । ବର୍ତ୍ତମାନ ମଧ୍ୟ ଓଡ଼ିଶାରେ ବାଟ ପୂଜା ପରମ୍ପରା ପ୍ରଚଳିତ ଅଛି । ଶ୍ରଦ୍ଧାର ସହିତ ନିଜ ଉତ୍ପାଦିତ ଦ୍ରବ୍ୟକୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରକୁ ଲମ୍ବିଥିବା ରାସ୍ତା ଉପରେ ଚକ୍ର ମଣୋହି ପରମ୍ପରାରେ ଉତ୍ସର୍ଗ କରିଥାନ୍ତି ।

## ମଣୋହିରେ କାଙ୍କଣ ପରିବା

୧୭୩୧ ମସିହାରେ ମହମ୍ମଦ ତକି ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ । ସେତେବେଳେ ଗଜପତି ଥିଲେ ରାମଚନ୍ଦ୍ର ଦେବ (୨ୟ) । ଏହି ଆକ୍ରମଣ ସମୟରେ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରୁ ସ୍ଥାନାନ୍ତର କରାଯାଇଥିଲା । ଭାର୍ଗବୀ ନଦୀ ପଥରେ ଚାପରେ ବସାଇ ପାଇକବାହିନୀ ଓ ସେବକମାନେ ମହାପ୍ରଭୁଙ୍କୁ ଚିଲିକା ବକ୍ଷକୁ ନେଇଯାଇଥିଲେ । ଚିଲିକା ଉତ୍ତର ପଟେ ଥିବା କାଙ୍କଣକୁଦରେ କିଛି ମାସ ଗୁପ୍ତରେ ରହିଥିଲେ । କାଙ୍କଣକୁଦର ନାମ କାଙ୍କଣ ଶିଖରୀ ବୋଲି କେତେକ ପୁସ୍ତକରେ ବର୍ଣ୍ଣନା ଅଛି । ନଅ ଏକର ପରିମିତ ଏହି କୁଦର ଚାରିପଟେ ଚିଲିକାର ଜଳରାଶି ଘେରି ରହିଛି । ୨୦୦୭ ମସିହାରେ ଶ୍ରୀମନ୍ଦିର ପକ୍ଷରୁ ଆମେ ଅନୁସନ୍ଧାନ କରିବାକୁ ଯିବାବେଳେ ନିବିଡ ଅରଣ୍ୟ ବେଷ୍ଟିତ ତଥା ସର୍ପସଙ୍କୁଳ ଏହି କୁଦକୁ ଯାଇଥିଲୁ । ଅରଣ୍ୟ ମଝିରେ ଏକ ପଥର ମଣ୍ଡପ ଉପରେ ହାରାହାରି ୪ ମାସ ମହାପ୍ରଭୁ ରହିଥିବା ଜନଶ୍ରୁତି ଅଛି । ଏହି କୁଦରେ ପ୍ରଚୁର କାଙ୍କଣ ଫଳୁଥିବାରୁ ଏପରି ନାମକରଣ ହୋଇଥିଲା । କୁଦରୁ ଭିତର ପଟକୁ ୧ କିମି ଜଳପଥରେ ଗଲେ ମଧୁର ଝରଣା ପାଣି ଯେଉଁଠି ଜମା ହେଉଛି ତାହା 'ଯମୁନା ନିର୍ଝର' ଭାବରେ ପରିଚିତ । ଏଇଠାରୁ ନୌକାରେ ମଧୁର ଜଳ ଆଣି ସେବକମାନେ ମହାପ୍ରଭୁଙ୍କ ମଣୋହି ପ୍ରସ୍ତୁତ କରିବା ସହିତ ପୂଜାକାର୍ଯ୍ୟ ତୁଲାଉଥିଲେ । ସେତିକିବେଳେ ଗୁପ୍ତ ଉପାସନା କାଳରେ କୁଦରେ ମିଳୁଥିବା କାଙ୍କଣ ଫଳ ମଣୋହିରେ ବ୍ୟବହୃତ ହୋଇଥିଲା । ସେବେଠାରୁ ଶ୍ରୀମନ୍ଦିର ମଣୋହିରେ କାଙ୍କଣ ବ୍ୟବହୃତ ହେଉଅଛି । କବିବର ରାଧାନାଥ ରାୟ ତାଙ୍କର ଚିଲିକା କାବ୍ୟରେ ଲେଖିଛନ୍ତି...

'ତରଙ୍ଗ ବେଷ୍ଟିତ କାଙ୍କଣ ଶିଖରୀ
ଆଦ୍ୟ ଫଳେ ଯାର ତରୀପୂର୍ଣ୍ଣ କରି
ବର୍ଷେ ବର୍ଷେ ହ୍ରଦ ବିହାରି ଧୀବରେ
ଆଦରେ ଫେରନ୍ତି ଲକ୍ଷ୍ମୀ ରୋଷ ଘରେ ।'

**-ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର**

**ବିମ୍ଳୀ ମଣୋହି:** ଆଦି ଶଙ୍କରାଚାର୍ଯ୍ୟ ଘୋଷଣା କରିଥିଲେ ପୁରୁଷୋତ୍ତମ ପୀଠର ଅଧିଷ୍ଠାତ୍ରୀ ହେଉଛନ୍ତି ମା' ବିମଳା । ଦେବୀ ବିମଳା ଶ୍ରୀମନ୍ଦିର ବାହାର ବେଢ଼ାର ଦକ୍ଷିଣ- ପଶ୍ଚିମ କୋଣରେ ବିଜେ କରିଛନ୍ତି । ତନ୍ତ୍ର ପରମ୍ପରାରେ ମା'ଙ୍କୁ 'ଭୈରବୀ' ରୂପେ ଗ୍ରହଣ କରାଯାଇଛି । ଦେବୀ ବିମଳାଙ୍କ ପାଖରେ ଶାରଦୀୟ ପୂଜା ଅବସରରେ ୩ଦିନ ସଙ୍ଖୁଡ଼ି ଭୋଗ ହୋଇଥାଏ । ଆଉ ୩୬୨ ଦିନ ଶୀତଳ ଭୋଗ ହୁଏ । ପୁରୀ ଭାଷାରେ ତାଙ୍କୁ ବିମଳାଇ ବା ବିମ୍ଳୀ କୁହାଯାଏ । ତେଣୁ ତାଙ୍କ ପ୍ରତି ପ୍ରଦତ୍ତ ଭୋଗକୁ ବିମ୍ଳୀ ମଣୋହି କୁହାଯାଇଥାଏ ।

**ଅଶୋକା ମଣୋହି:** ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ଘରେ ଶ୍ରୀଲୋକନାଥ ମହାଦେବ ବିଜେ କରିଛନ୍ତି । ସେ ହେଉଛନ୍ତି ଭଣ୍ଡାର ରକ୍ଷକ । ଅଶୋକାଷ୍ଟମୀ ଦିନ ଶ୍ରୀଲୋକନାଥ ନୀତି ସମ୍ପାଦନ ପାଇଁ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥାନ୍ତି । ସେଠାରେ ଯେଉଁ ନୈବେଦ୍ୟ ବଢ଼ାଯାଏ, ତାହାକୁ 'ଅଶୋକା ମଣୋହି' କୁହାଯାଏ । ଓଡ଼ିଶାର ପ୍ରସିଦ୍ଧ ଚାରି ଅଷ୍ଟମୀ ଯଥା- ପ୍ରଥମାଷ୍ଟମୀ, ଜନ୍ମାଷ୍ଟମୀ, ମହାଷ୍ଟମୀ ଓ ଅଶୋକାଷ୍ଟମୀ ମଧ୍ୟରେ ଅଶୋକାଷ୍ଟମୀ ହେଉଛି ହରି-ହର ଉପାସନାର ପ୍ରତୀକ । ସାଂସ୍କୃତିକ ସହାବସ୍ଥାନ ଦୃଷ୍ଟିରୁ ହରିଙ୍କ ପରି ହରଙ୍କୁ ବି ସମାନ ମର୍ଯ୍ୟାଦା ଦିଆଯାଇ ଯେଉଁ ଭକ୍ତିର ନୈବେଦ୍ୟ ଦିଆଯାଏ, ତାହା ହିଁ ନ ଶୋକ ଅର୍ଥାତ ଦୁଃଖହରଣ କରିବାର ମଣୋହି ।

**ବୀର ମଣୋହି:** ଏହି ମଣୋହି ପରମ୍ପରା ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ଆରମ୍ଭ ହୋଇଥିଲା ବୋଲି ମତ ରହିଛି । ଗଜପତି କପିଳେନ୍ଦ୍ରଦେବ ବିଜୟନଗର ରାଜା ମଲ୍ଲିକାର୍ଜ୍ଜୁନଙ୍କୁ ପରାସ୍ତ କରି ଫେରିବା ପରେ 'ପୁରୁଷୋତ୍ତମ କଟକ' ଅର୍ଥାତ୍ ପୁରୀରେ ବୀର ମଣୋହି ଅନୁଷ୍ଠିତ କରାଇଥିଲେ । ପୌରବାସୀଙ୍କ ଉଦ୍ଦେଶ୍ୟରେ ହେଉଥିବା ଭୋଜିସଭାକୁ 'ବୀର ମଣୋହି' କୁହାଯାଏ । ବୀରତ୍ୱର ପରାକାଷ୍ଠା ଦେଖାଇ ଫେରିବା ପରେ ଏହା ହେଉଥିବାରୁ ଏହା 'ବୀର ମଣୋହି' ନାମରେ ପ୍ରସିଦ୍ଧ । ପୂର୍ବରୁ ଗଙ୍ଗବଂଶ ଅମଳରେ ହୁଏତ ଏହି ପ୍ରଥା ଥିବ । ସେମାନେ ବି ଅନେକ ବିଜୟଲାଭ କରି ଫେରିଛନ୍ତି । ତାହା ପୁରୀରେ କି କଟକ ବାରବାଟୀରେ ହେଉଥିଲା, ତାହାର ସୂଚନା ମିଳିନାହିଁ । ଶ୍ରୀମନ୍ଦିରର ଜୟବିଜୟ ଦ୍ୱାରରେ ଥିବା ଶିଳାଲେଖରୁ ଗଜପତି କପିଳେନ୍ଦ୍ରଦେବଙ୍କ ବିଷୟରେ ତଥ୍ୟ ମିଳୁଥିବାରୁ ତାହାକୁ ମାନକ ରୂପେ ଗ୍ରହଣ କରାଯାଇଛି ।

**-ବୀରଭଦ୍ର ବିଶ୍ୱାଳ**



# ଝୁମୁକା ଫ୍ୟାଶନ



ଏହା ଏକ ପ୍ରକାର କ୍ଲାସିକ୍ ଇୟର ରିଂ, ଯାହାର ଚାହିଦା ମହିଳାମାନଙ୍କ ଗହଣରେ ପୂର୍ବରୁ ଥିଲା ଆଉ ଏବେ ବି ଅଛି। କହିବାକୁ ଗଲେ, ଭାରତୀୟ ମହିଳାମାନଙ୍କର ଜୁଏଲେରି କଲେକ୍ସନ୍ ଝୁମୁକା ବିନା ଲାଗେ ଯେମିତି ଅଧୁରା। ତେଣୁ ଝୁମୁକାର ଫ୍ୟାଶନ କେବେ ବି ପୁରୁଣା ହେଉନାହିଁ। ବରଂ ଦିନକୁ ଦିନ ଏହାର ନୂଆ ନୂଆ ଡିଜାଇନ ମାର୍କେଟ୍‌କୁ ଆସୁଛି। ତେବେ ଝୁମୁକାର କ'ଣ ସବୁ ଲାଟେଷ୍ଟ ଡିଜାଇନ ରହିଛି, ଆସନ୍ତୁ ଜାଣିବା...

**ଗୋଲ୍ଡେନ ଝୁମୁକା:** ପାରମ୍ପରିକ ପୋଷାକ ସହ ଏହି ଝୁମୁକା ଖୁବ୍ ସୁନ୍ଦର ମାନିଥାଏ। ସାଧାରଣତଃ ଟେମ୍ପଲ ଡିଜାଇନ୍, ଫ୍ଲୋରାଲ ଡିଜାଇନ୍ କିମ୍ବା ନେଚର ଥିମ୍ ଡିଜାଇନ୍‌ରେ ଆସୁଥିବା ଏହି ଗୋଲ୍ଡେନ୍ ଝୁମୁକାକୁ ଶାଢ଼ି କିମ୍ବା ଲେହେଙ୍ଗା ସହ ପିନ୍ଧିଲେ ଅଧିକ ଆକର୍ଷଣୀୟ ଲାଗେ।

**ସିଲ୍‌ଭର ଅକ୍ସିଡାଇଜଡ୍ ଝୁମୁକା:** ଏହି ଝୁମୁକାକୁ କେହି କେହି ଗୁଜରାଟୀ ଷ୍ଟାଇଲ ଝୁମୁକା ମଧ୍ୟ କହିଥାନ୍ତି। ସୂଚନାନୁଯାୟୀ, ନବରାତ୍ରି ସମୟରେ ଏହାର ଚାହିଦା ଖୁବ୍ ବଢ଼ିଯାଏ। କାରଣ ସେ ସମୟରେ ଘାଘରା-ଚୋଲି ସହ ଏହି ଝୁମୁକାକୁ ପିନ୍ଧି ଦାଣ୍ଡିଆ ଖେଳିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିଥାଏ।

**ଡାଇମଣ୍ଡ ଝୁମୁକା:** ଯେଉଁମାନଙ୍କୁ ପାରମ୍ପରିକ ଡିଜାଇନ୍‌ର ଗୋଲ୍ଡେନ୍ ଝୁମୁକା ପିନ୍ଧିବାକୁ ଭଲ ଲାଗେ ନାହିଁ, ସେମାନେ ଚାହିଁଲେ ଡାଇମଣ୍ଡ ଖଚିତ ମଡର୍ନ ଡିଜାଇନ୍‌ର ଝୁମୁକା ଟ୍ରାଏ କରିପାରିବେ। ଏହା ଗ୍ଲାମର୍ସ ଲୁକ୍ ଦେଇଥାଏ।

**ଟେରାକୋଟା ଝୁମୁକା:** ଏହା ଏକପ୍ରକାର ହ୍ୟାଣ୍ଡମେଡ୍ ଝୁମୁକା, ଯାହା ଦେଖିବାକୁ ଯେମିତି ସୁନ୍ଦର ପିନ୍ଧିଲେ ବି ସେମିତି ମଡର୍ନ ଲୁକ୍ ଦେଇଥାଏ। ସାଧାରଣତଃ ପଶୁପକ୍ଷୀ, ପତ୍ର, ଫୁଲ, ବୃକ୍ଷଲତା, ପରିବେଶ ତଥା ଦେବଦେବୀଙ୍କୁ ଆଧାରକରି ସ୍ୱତନ୍ତ୍ର ଭାବେ ତିଆରି କରାଯାଉଥିବା ଟେରାକୋଟାର ଏହି ଝୁମୁକାଗୁଡ଼ିକ ଶାଢ଼ି , ଲେହେଙ୍ଗା ଓ ସାଲୱାର୍-କମିଜ୍ ସହ ବେଶ୍ ଭଲ ମାନିଥାଏ।

**କଶ୍ମୀରୀ ଝୁମୁକା:** ଏଥିରେ ମୁଖ୍ୟତଃ ଦୁଇଟି ଝୁମୁକା ଲାଗିଥାଏ। ଆଉ ସେହି ଦୁଇଟି ଝୁମୁକାକୁ ଗୋଟିଏ ପଲ୍ ଖଚିତ ଚେନ୍ ଦ୍ୱାରା ସଂଯୋଗ କରାଯାଇଥାଏ। ଫଳରେ ଗୋଟିଏ ଝୁମୁକା କାନର ଆଗପଟେ ରହିଥିବାବେଳେ ଆଉ ଗୋଟିଏ ଝୁମୁକା ଚେନ୍ ଦ୍ୱାରା କାନର ପଛପଟେ ଓହଳିକି ରହିଥାଏ। ପର୍ବପର୍ବାଣି, ବାହାଘର ଫଙ୍କ୍‌ସନରେ ଏହାକୁ ପିନ୍ଧିଲେ, ଲୁକ୍ ଗର୍ଜିୟସ୍ ଲାଗେ।

**ହୁପ୍ ଝୁମୁକା:** ଦୁଇଟି ଭିନ୍ନ ଭିନ୍ନ ଡିଜାଇନ୍ ଇୟର ରିଂର ପରଫେକ୍ଟ କମ୍ବିନେଶନ ହେଉଛି ହୁପ୍ ଝୁମୁକା। କିନ୍ତୁ ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ଶାଢ଼ି, ଲେହେଙ୍ଗା, ସାଲୱାର୍ ସହିତ ବି ଏହି ଝୁମୁକା ବେଶ୍ ଭଲ ମାନିଥାଏ।

**ପର୍ଲ ଝୁମୁକା:** ଖାସ୍ କରି ଟ୍ରାଡିଶନାଲ ଆଉଟ୍‌ଫିଟ୍ ସହ ପର୍ଲ ଝୁମୁକା ପରଫେକ୍ଟ ମ୍ୟାଚ୍ କରିଥାଏ। ଚିକ୍, କ୍ଲାସିକ୍ ଓ ଏଲିଗାଣ୍ଟ ଲୁକ୍ ପାଇଁ ଯୁବତୀମାନଙ୍କ ମଧ୍ୟରେ ଏହାର ଡିମାଣ୍ଡ ଖୁବ୍ ରହିଥିବା ଦେଖିବାକୁ ମିଳେ।

**କୁନ୍ଦନ ଝୁମୁକା:** ରାଜସ୍ଥାନୀ ମହିଳାମାନଙ୍କ ଗହଣରେ ଏହି ଝୁମୁକାର ବେଶ୍ ଡିମାଣ୍ଡ ରହିଥିବା ଦେଖିବାକୁ ମିଳେ। କିନ୍ତୁ ଏହାର ଆକର୍ଷଣୀୟ ଡିଜାଇନ୍ ପାଇଁ ଏବେ ଅନ୍ୟମାନେ ବି ଏହାକୁ ପସନ୍ଦ କରିବାକୁ ଲାଗିଲେଣି। ଡିଜାଇନର ଆଉଟ୍‌ଫିଟ୍ ସହ ଏହି ଝୁମୁକା ବେଶ୍ ଭଲ ମାନିଥାଏ।

**ଇୟର କଫ୍ ଝୁମୁକା:** ଇୟର କଫ୍ ସାଙ୍ଗରେ ପୁଣି ଝୁମୁକା, ଗର୍ଜିୟସ୍ ଲୁକ୍ ମିଳିବା ସୁନିଶ୍ଚିତ। ମାର୍କେଟ୍‌ରେ ଏହାର ଅନେକ ଡିଜାଇନ ମିଳୁଥିଲେ ହେଁ ବିଶେଷକରି ମୟୂର ଡିଜାଇନର ଇୟର କଫ୍ ଝୁମୁକା ଅଧିକ ଆକର୍ଷଣୀୟ ଲାଗିଥାଏ।
















# ଲର୍ଡ ଅଫ୍ ଦି ଫ୍ଲାଇଜ୍‌ର କାହାଣୀକାର



**‘ଲର୍ଡ୍ ଅଫ୍ ଦି ଫ୍ଲାଇଜ୍’ ଉପନ୍ୟାସର କାହାଣୀ ଖୁବ୍ ସହଜ ଲାଗୁଥିଲେ ବି ଏହାର ମର୍ମରେ ଯେଉଁ କଥା ରହିଛି ତାହା ହେଉଛି ଏକ ବିଶ୍ୱ ସମସ୍ୟା। ଆମର ବିଶ୍ୱ ଏମିତି ଏକ ପର୍ଯ୍ୟାୟରେ ପହଞ୍ଚିଛି ଯେଉଁଠି କେହି ବି କାହାକୁ ଦଳପତି ବା ନେତା ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହି ଉପନ୍ୟାସକୁ ମିଳିଥିଲା ସମ୍ମାନଜନକ ନୋବେଲ ପୁରସ୍କାର। ଆଉ ଏହି ନୋବେଲ ବିଜୟୀ ବ୍ୟକ୍ତି ଜଣକ ଥିଲେ ପ୍ରସିଦ୍ଧ ବ୍ରିଟିଶ ଔପନ୍ୟାସିକ ଏବଂ କବି ସାର ୱିଲିଅମ୍ ଗୋଲ୍‌ଡିଂ....**


ଏକ ପ୍ଲେନ୍ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡୁଛି ଗୋଟିଏ ନିର୍ଜନ ଦ୍ୱୀପରେ। କିଛି ଯୁବକ ଦୁର୍ଘଟଣାରୁ ବର୍ତ୍ତି ଯାଉଛନ୍ତି। ଚାରିଆଡ଼େ ସମୁଦ୍ର। ମଝିରେ ସେମାନେ। କିପରି ଉଦ୍ଧାର ପାଇବେ ଏହା ହେଉଛି ସେମାନଙ୍କର ସମସ୍ୟା। ସଂଘବଦ୍ଧତା ସେମାନଙ୍କୁ ହୁଏତ ଏଭଳି ବିପଦରୁ ସୁରକ୍ଷା ଦେଇପାରେ। ମାତ୍ର ସଂଘବଦ୍ଧ ହେବା ହେଉଛି ସବୁଠାରୁ ବଡ଼ ସମସ୍ୟା। କାରଣ ସଂଘବଦ୍ଧ ହେବାକୁ ହେଲେ ଜଣକୁ ମାନିବାକୁ ପଡ଼ିବ। ତେବେ ପ୍ରଶ୍ନ ହେଉଛି କାହାକୁ ସେମାନେ ସେମାନଙ୍କର ଦଳପତି ବୋଲି ମାନିବେ ? ଆଉ କାହିଁକି ? ଏମିତି ଏକ ପ୍ରଶ୍ନକୁ ନେଇ ସୃଷ୍ଟିହୁଏ ଏକ କାଳଜୟୀ ଉପନ୍ୟାସ ; ଯାହାର ନାଁ ‘ଲର୍ଡ୍ ଅଫ୍ ଦି ଫ୍ଲାଇଜ୍’। ଏହି ଉପନ୍ୟାସର କାହାଣୀ ଖୁବ୍ ସହଜ ଲାଗୁଥିଲେ ବି ଏହାର ମର୍ମରେ ଯେଉଁ କଥା ରହିଛି ତାହା ହେଉଛି ଏକ ବିଶ୍ୱ ସମସ୍ୟା। ଆମର ବିଶ୍ୱ ଏମିତି ଏକ ପର୍ଯ୍ୟାୟରେ ପହଞ୍ଚିଛି ଯେଉଁଠି କେହି ବି କାହାକୁ ଦଳପତି ବା ନେତା ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହି ଉପନ୍ୟାସକୁ ମିଳିଥିଲା ସମ୍ମାନଜନକ ନୋବେଲ ପୁରସ୍କାର। ଆଉ ଏହି ନୋବେଲ ବିଜୟୀ ବ୍ୟକ୍ତି ଜଣକ ଥିଲେ ପ୍ରସିଦ୍ଧ ବ୍ରିଟିଶ ଔପନ୍ୟାସିକ ଏବଂ କବି ସାର ୱିଲିଅମ୍ ଗୋଲ୍‌ଡିଂ।

**ଧର୍ମଭୀରୁତାର ସମାଲୋଚକ :** ଗୋଲ୍‌ଡିଂଙ୍କୁ ଜଣେ ସଂସ୍କାରବାଦୀ ଲେଖକ କହିଲେ ଆଦୌ ଭୁଲ୍ ହେବନାହିଁ। ସେ ସବୁବେଳେ ଧର୍ମଭୀରୁ ସମାଜ ବିରୋଧରେ ତାଙ୍କର କଲମକୁ ଅସ୍ତ୍ର କରୁଥିଲେ। ଏମିତି କି ସେ କୌଣସି ଧର୍ମଗୁରୁଙ୍କୁ ସମ୍ମାନ କରନ୍ତି ନାହିଁ ବୋଲି କହି ବିବାଦର ଚରମସୀମାକୁ ଚାଲିଯାଇଥିଲେ। ଏହା ସେହି ସମୟର କଥା ଯେତେବେଳେ ସମାଜରେ ଧର୍ମଗୁରୁମାନଙ୍କର ପତିଆରା ରହିଥିଲା। ମାତ୍ର ଗୋଲ୍‌ଡିଂ ମହୋଦୟ ସେସବୁକୁ ତୀବ୍ର ସମାଲୋଚନା କରୁଥିଲେ। ତାଙ୍କର ଭାବନା ଆଉ କର୍ମ ଥିଲା ସବୁଠୁ ତୀବ୍ରତର। ତାଙ୍କର କାଳଜୟୀ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି ‘ଲର୍ଡ୍ ଅଫ୍ ଦି ଫ୍ଲାଇଜ୍’, ‘ଦି ଇନ୍‌ହେରିଟର୍ସ, ପିଞ୍ଚର ମାର୍ଟିନ୍’, ‘ଫ୍ରି ଫଲ୍’, ‘ଦି ସ୍ପାୟାର’, ‘ଦି ପିରାମିଡ୍’, ‘ଦି ସ୍କର୍ପିଅନ୍ ଗଡ୍’, ‘ଡାର୍କନେସ୍ ଭିଜିବଲ’, ‘ଦି ପେପର ମ୍ୟାନ୍’, ‘ଟୁ ଦ ଏଣ୍ଡସ ଅଫ୍ ଦି ଆର୍ଥ’। ବାସ୍ତବରେ ‘ଟୁ ଦ ଏଣ୍ଡସ ଅଫ୍ ଦି ଆର୍ଥ’ ହେଉଛି ଏକ ଟ୍ରାଇଓଲୋଜି, ଯେଉଁଥିରେ ତିନିଗୋଟି ଉପନ୍ୟାସ ସାମିଲ୍। ସେଗୁଡ଼ିକ ହେଉଛନ୍ତି : କ୍ଲୋଜ୍ କ୍ୱାର୍ଟର୍ସ, ଫାୟାର ଡାଉନ୍ ବିଲୋ ଏବଂ ଦି ଡବଲ ଟଙ୍ଗ୍। ଏହାବ୍ୟତୀତ ତାଙ୍କର ଗୋଟିଏ କବିତା ସଂକଳନ ମଧ୍ୟ ରହିଛି। ସେ ଗୋଟିଏ ନାଟକ ରଚନା କରିଛନ୍ତି, ଯାହାର ନାମ ‘ଦି ବ୍ରାସ୍ ବଟରଫ୍ଲାଇ’। ତାଙ୍କର ପ୍ରବନ୍ଧ ପୁସ୍ତକ ମଧ୍ୟରେ ରହିଛି ଦି ହଟ୍ ଗେଟ୍‌ସ, ଏ ମୁଭିଂ ଟାରଗେଟ୍ ଏବଂ ଆନ୍ ଇଜିପ୍ଟିଆନ୍ ଜର୍ନାଲ୍।

**ଅତିପ୍ରିୟ ମାମୁଘର :** ଗୋଲ୍‌ଡିଂଙ୍କର ଅତି ପ୍ରିୟ ସ୍ଥାନ ଥିଲା ତାଙ୍କ ମାମୁଘର। ବାସ୍ତବରେ ସେ ମାମୁଘର କର୍ନୱାଲ୍‌ଠାରେ ୧୯୧୧, ସେପ୍ଟେମ୍ବର ୧୯ରେ ଜନ୍ମଗ୍ରହଣ କରିଥିଲେ। ତେଣୁ ଶେଷ ଜୀବନ ପର୍ଯ୍ୟନ୍ତ ସେ ଯେତେବେଳେ ବି ସମୟ ପାଉଥିଲେ ମାମୁଘରକୁ ଛୁଟି ଯାଉଥିଲେ। ସେ ଥିଲେ ପରିବାରର ସବା ସାନ ପୁଅ। ତାଙ୍କର ପାଠପଢ଼ା ଗ୍ରାମର ସ୍କୁଲ୍‌ରେ ହୋଇଥିଲା। ବଡ଼ ହୋଇ ଅକ୍ସଫୋର୍ଡ୍ ୟୁନିଭର୍ସିଟିରେ ନାଚୁରାଲ୍ ସାଇନ୍ସ ବା ପ୍ରାକୃତିକ ବିଜ୍ଞାନ ଉପରେ ଉଚ୍ଚତର ଅଧ୍ୟୟନ କରିଥିଲେ। ବିଶ୍ୱ ତାଙ୍କୁ ଜଣେ ଔପନ୍ୟାସିକ ଭାବରେ ସମ୍ମାନ ଦେଉଥିଲେ ମଧ୍ୟ କବିତା ରଚନାରୁ ଆରମ୍ଭ ହୋଇଥିଲା ତାଙ୍କର ଲେଖକୀୟ ଜୀବନ। ଏମିତି କି ତାଙ୍କର ପ୍ରଥମ ପ୍ରକାଶିତ ବହି ହେଉଛି କବିତା ସଂକଳନ।

**କ୍ୟାରିଅର :** ସବୁବେଳେ ଦେଶ ପାଇଁ କିଛି ନା କିଛି କରିବାକୁ ଆଗଭର ଥିଲେ ଗୋଲ୍‌ଡିଂ। ସେଥିଲାଗି ସେ ନେଭିରେ ଯୋଗ ଦେଇଥିଲେ। ଯୋଗକୁ ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମଗ୍ର ବିଶ୍ୱକୁ ଭୟଭୀତ କରି ରଖିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ରକ୍ତପାତ ତାଙ୍କ ଭିତରେ ମୋହଭଙ୍ଗ ଛାଇଦେଲା। ସେଠାରେ ରହିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ଅତଃ ସେ ସେନାବାହିନୀରୁ ଓହରି ଆସି ଶିକ୍ଷାକ୍ଷେତ୍ରରେ ଯୋଗଦେଲେ। ଅଧ୍ୟାପନା କରିବା ସହିତ ଲେଖାଲେଖି ମଧ୍ୟ ଆରମ୍ଭ କରିଦେଲେ। ଆଗରୁ ତ ଲେଖୁଥିଲେ। ମାତ୍ର ଶିକ୍ଷକତାକୁ ଆସିବା ପରେ ତାହା ବହୁଗୁଣିତ ହୋଇ ଉଠିଲା। ୧୯୬୪ରେ ସେ ପ୍ରକାଶ କଲେ ତାଙ୍କର ତୃତୀୟ ଉପନ୍ୟାସ ‘ଦି ସ୍ପାୟାର’। ଅବଶ୍ୟ ଏହା ତାଙ୍କୁ ସଫଳତା ଦେଇପାରିଲା ନାହିଁ। ସେ ମିଶ୍ରିତ ଫଳ ପାଇଁ ସନ୍ତୁଷ୍ଟ ରହିଲେ। ଏହାର ଫଳସ୍ୱରୂପ ଆର୍ଥିକ ସଂକଟ ବୋଝ ଭଳି ଲଦି ହୋଇଗଲା।

**ସଫଳତା :** ୧୯୫୩ ମସିହା ସେପ୍ଟେମ୍ବର ମାସରେ ଗୋଲ୍‌ଡିଂ ଲଣ୍ଡନ୍‌ର ‘ଫେବର ଆଣ୍ଡ ଫେବର’ ପ୍ରକାଶନୀକୁ ଏକ ଉପନ୍ୟାସ ପଠାଇଲେ। ମାତ୍ର ତାହାକୁ ସେମାନେ ଫେରେଇ ଦେଲେ। ତେବେ ଏହାପଛରେ ନିୟତିର କିଛି ଲୁକ୍‌କାୟିତ ନିର୍ଦ୍ଦେଶ ଥିଲା ବୋଧହୁଏ। କାରଣ ଯେଉଁ ବହିଟି ପ୍ରତ୍ୟାଖ୍ୟାନର ଶିକାର ହୋଇଥିଲା ତାହା ଥିଲା ‘ଲର୍ଡ ଅଫ୍ ଦି ଫ୍ଲାଇଜ୍’। ଏହି ବହି ହିଁ ନୋବେଲ ପୁରସ୍କାର ପାଇ ଗୋଲଡିଂଙ୍କୁ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଆଣି ଦେଇଥିଲା।



# ଅନୁତାପ

**–କିରଣବାଳା ଷଡ଼ଙ୍ଗୀ**

**ସେ**ଦିନ କ୍ଲାସ୍‌ରୁମ୍ ସାର୍‌ଙ୍କ ପକେଟ୍‌ରୁ ଟ. ୫୦୦ ନୋଟ୍‌ଟିଏ ଗଳିପଡ଼ିଲା। ହାତ ସଫେଇରେ ସେ ମୋ ପକେଟ୍‌ସ୍ଥ ହୋଇଗଲା। ଖୋଳତାଡ଼ ବହୁତ ହେଲା। ମୋ ପରି ଜଣେ ଶିକ୍ଷକଙ୍କ ପୁଅକୁ ଦୋଷ ଦେବ କିଏ ? ଦୋଷୀ ହେଲା ଶାନ୍ତନୁ ଭୋଇ। ମାଡ଼ରେ କୁଆ ଛୁଆ ଉଡ଼ିଗଲା। ଟଙ୍କା ମିଳିଲାନି। ଥିଲେ ସିନା ପାଇବ। ହେଲେ ସମସ୍ତଙ୍କ ସନ୍ଦେହୀ ଦୃଷ୍ଟିରେ ସେ 'ଚୋର' ହୋଇଗଲା। ଶାନ୍ତନୁ ବହୁତ ଭାବପ୍ରବଣ ପିଲା। ଲଜ୍ଜା, ଅପମାନରେ ସେ ଆତ୍ମହତ୍ୟା କରିଦେଲା। ବାଡ଼େଇଥିବା ମନୋଜ ସାରଙ୍କ ହୃଦୟରେ କି ପ୍ରକାର କମ୍ପନ ହୋଇଥିବ, ସେ ଜାଣିଥିବେ। ମୁଁ କିନ୍ତୁ ଯେମିତି ପାଗଳ ହୋଇଗଲି, କାହାକୁ କିଛି କହିପାରି ନ ଥିଲି। ଅନେକ ବର୍ଷର 'ଅତୀତ' ଆଜି ବି ମୋତେ ଅସ୍ଥିର କରୁଛି। ମୁଁ ଚାକିରି କଲି। ରିଟାୟାର ହେଲି, ସୁଖୀ ଗୃହସ୍ଥଜୀବନ ଅତିବାହିତ କରୁଛି। ହେଲେ ଶାନ୍ତନୁର ମୁହଁଟା ସ୍ମୃତିର ପାଉଁଶ ତଳୁ ଚିକ୍‌ଚିକ୍ କରି ଆଜି ବି ଜଳୁଛି। ଏତେଦିନ ପରେ ଏକଥାକୁ ପ୍ରକାଶ କଲେ ଶାନ୍ତି ପାଇବି ବୋଲି ଚିନ୍ତା କଲି। ଜଣେ ବନ୍ଧୁଙ୍କୁ କହିଲି– ତୁମେ ପରା 'ଗପ' ଲେଖୁଛ। ମୋର ଏହି 'ସ୍ୱୀକାରୋକ୍ତି' ଟିକୁ କାହାଣୀର ରୂପ ଦେବ। ଏହା ହିଁ ହେବ ମୋର ଅନୁତାପ। ବିଚରା ନିର୍ଦ୍ଦୋଷ ଶାନ୍ତନୁ ପାଇଁ ଶ୍ରଦ୍ଧାଞ୍ଜଳି।

*–୮୨୭, ଚୌଧୁରୀ ଭବନ, ବରମୁଣ୍ଡା, ଭୁବନେଶ୍ୱର*

---

# ଭତ୍ତା

**– ଅନିଲ ବୋଇତି**

**ଆ**ରେ ମୋ ଔଷଧ ଆଣିକି ଦିଅ। କହୁ କହୁ କାଶି ପକାଉଥାନ୍ତି ଗଙ୍ଗାଧର ବାବୁ। ମୀରା ଦେବୀ ସେପଟୁ ବଡ ପାଟିକରି ପାଣି ଗ୍ଲାସ ଧରିକି ଆସିକହିଲେ ନିଅ ପାଣି ପିଇ ଦିଅ ଟିକେ ଭଲ ଲାଗିବ। ପାଣି ପିଇଲେ ଭଲ ତ ଲାଗିବ ହେଲେ ମୋ ଔଷଧ ଆଣିଛ ନା ନାହିଁ। ନା ଆଣିନି। କଣ ହେଲା ଆଣିନ ? କ'ଣ କରିବି ମୋ ପାଖରେ ପଇସା ନ ଥିଲା। ଆରେ ମୋ ଭତ୍ତା ଟଙ୍କା କ'ଣ ହେଲା କି ? ପୁଅ ବୋହୂ ଆସିଥିଲେ ତାଙ୍କ ସହିତ ନାତି ଟୋକାଟା ବି ଆସିଥିଲା। ଖେଳନା ପାଇଁ ଜିଦି କରିବାରୁ ତା ପାଇଁ ଖେଳନା କିଣି ଦେଲି। ଏଇଥର ଭତ୍ତା ଟଙ୍କାରେ ତୁମ ଔଷଧ ଆଣିଦେବି। ଆଉ ପୁଅ ବୋହୂ ଆମ ପାଇଁ କ'ଣ ଆଣିଥିଲେ। ମୀରାଦେବୀ କିଛି ସମୟ ଚୁପ ରହି କହିଲେ ପୁଅ କହିଯାଇଛି ଏଥର ଭାଗ ବଣ୍ଟା କରିଦେଲେ ଭଲ ହୁଅନ୍ତା। ବାପାଙ୍କର ଯୋଉ ଅବସ୍ଥା କେତେବେଳେ କୋଉ କଥା। ଏତକ କହି ମୀରା ଦେବୀ ଭିତରକୁ ଚାଲିଗଲେ। ଗଙ୍ଗାଧର ବାବୁଙ୍କର ବି କାଶ ବନ୍ଦହେଇଯାଇଥିଲା।

*– ଛେଣ୍ଡ କଲୋନୀ , ରାଉରକେଲା*



# ଧ୍ୱନ

**–ଡ. କିଶୋର ମହାନ୍ତି**

**ଧ୍ୱ**ନ ଚାଲିଛି
ଅହୋରାତ୍ର
ଅବିରତ
ଆରୋହରୁ ଅବରୋହ
ରାଗ ଖମ୍ବାଜ୍
ମି ଆଁ ମହ୍ଲାର
ଅବା ଗୁଜ୍ଜରି ତୋଡ଼ୀ
ଜୀବନକୁ ଅନୁରଣିତ କରୁଛି
ପ୍ରଳମ୍ବିତ୍ ରାଗ
କମ୍ପମାନ ନିଃଶ୍ୱାସ ପ୍ରଶ୍ୱାସ
ଧ୍ୱନର ଏକି ଅମୃତ ଆହ୍ଲାଦ
ପ୍ରଣବ ରାଗ ମିଶି ଯାଉଥାଏ,
ଗୋଟାଏ ଆଳାପ
ରହି ରହି ଶାବ୍ଦୀକ୍ ଚକ୍ରରେ
ଘୂର୍ଣ୍ଣୟ ମାନ ବଳୟଭିତରେ
ବିନ୍ଦୁଟିଏ ଧ୍ୱନ
ଜୀବନକୁ ସଂଜୀବନୀ ଦେଉଥାଏ
ପ୍ରକାଶ୍ୟ ଓ ଅପ୍ରକାଶ୍ୟରେ
ଧ୍ୱନରୁ ସଂଭୂତ ଭୂମି ଓ ଆକାଶ
ଧ୍ୱନର ମାୟବର୍ତ୍ତରେ ଆବଦ୍ଧ ମହିମନ
ମୁହୂର୍ତ୍ତ।

*–ଇ–୫୦, ସେକ୍ଟର–୭*
*ସି.ଡ଼ି.ଏ., କଟକ–୧୪*



# ଜୀବାଶ୍ମ

**–ଅୟସ୍‌କାନ୍ତ**

**ବି**ତିଲା ରାତ୍ରୀ, ବିଦାୟୀ ସମୟ–ପକ୍ଷୀ
ଜୀବନ ମରୁରେ, କଲବଲ ମଧୁମକ୍ଷୀ
ମଣାଣିର ଫୁଲ ଡାକଇ ଦେଖତ ସ୍ମୃତିର
ଫଳକ ପାଶେ
କ୍ରୁଶ ବିଦ୍ଧ ଏ କ୍ଲାନ୍ତ ସମୟ, ହୃଦୟ
ଛୁଇଁବା ଆଶେ
ଓଏସିସ୍ କାହିଁ କୁହ ?
ପଥପ୍ରାନ୍ତରେ ମରୀଚିକା ଢଳେ
ଚିକ୍‌ଚିକ୍ ଡହଡହ !!!

*–ବନଦୁର୍ଗା ମନ୍ଦିର ନିକଟ*
*ସୁନ୍ଦରଗଡ଼*







# କେବଳ କରୀନା

ଯାହା କୁହନ୍ତୁ ନା କାହିଁକି କେବଳ ନିଜେ ଅଭିନୟ କରିବାକୁ ଥିବା ଫିଲ୍ମ ଚୟନ କିମ୍ବା ନିଜ ରୋଲ ବିଷୟରେ ଅମୀର ଖାଁ ଯେତେ ସଚେତନ ଠିକ୍ ସେମିତି ସେହି ସିନେମାର କଳାକାର ଚୟନ ଯେମିତି ଦମଦାର ହେବ ସେଥିପ୍ରତି ବି ଦୃଷ୍ଟି ଦେଇଥାଆନ୍ତି। ଦେଖୁନାହାନ୍ତି ହୋମ ବ୍ୟାନରରେ ନିର୍ମିତ ହେଉଥିବା ଏକ ହଲିଉଡ୍ ରିମେକ ଫିଲ୍ମର ନାୟିକା କିଏ ହେବ କେମିତି ଅଳ୍ପ ସମୟ ଭିତରେ ଫାଇନାଲ କରିଦେଲେ। ଏହି ଭୂମିକା ପାଇଁ କେବଳ ଜଣେ ହିଁ ଯୋଗ୍ୟ ଆଉ ସେ ହେଲେ କରୀନା। ତେଣୁ ଏହି ଫିଲ୍ମରେ କରୀନାଙ୍କୁ ହିଁ ସାଇନ୍ କରାଯିବ ବୋଲି କହିଛନ୍ତି ସେ। ନିକଟରେ ନିଜର ୫୪ତମ ଜନ୍ମଦିନ ଅବସରରେ ସେ ଏକ ନୂଆ ସିନେମାର ଘୋଷଣା କରିଛନ୍ତି, ଯାହାର ଟାଇଟଲ ରହିଛି 'ଲାଲ୍ ସିଂ ଚଡ୍ଢା'। ୧୯୯୪ରେ ନିର୍ମିତ ହଲିଉଡ୍ ମୁଭି 'ଫରେଷ୍ଟ ଗମ୍ପ'ର ଏହା ହେଉଛି ହିନ୍ଦୀ ରିମେକ୍। ଏହାର ନାୟକ ଟମ୍ ହାଙ୍କ୍‌ଙ୍କ ଭୂମିକାରେ ଦେଖାଦେବେ ଅମୀର। ପୁଣି ଏଥିପାଇଁ ତାଙ୍କୁ ୨୦ କିଗ୍ରା ଓଜନ କମାଇବାକୁ ପଡିବ। ଅତୁଲ କୁଲକର୍ଣ୍ଣୀ ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି। ଅମୀର ଖାଁ ପ୍ରଡକ୍ସନରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ 'ସିକ୍ରେଟ ସୁପରଷ୍ଟାର'ର ନିର୍ଦ୍ଦେଶକ ଅଦ୍ୱୈତ ଚନ୍ଦନ। 'ଲାଲ୍ ସିଂ ଚଡ୍ଢା'ର ଶୁଟିଂ ଚଳିତବର୍ଷ ଅକ୍ଟୋବରରେ ଆରମ୍ଭ ହେବ ଏବଂ ଆସନ୍ତାବର୍ଷ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି।

# ଏବେ ନୋ ଟେନ୍‌ସନ୍



ଶ୍ରଦ୍ଧା-ପ୍ରଭାସ

ଗତ କିଛି ମାସ ହେବ ଗୋଟିଏ କଥାକୁ ନେଇ ସୁପରଷ୍ଟାର ପ୍ରଭାସ ଟେନସନରେ ଥିଲେ। କେମିତି ବା ଟେନସନ ହେବେ ନାହିଁ କହୁନାହାନ୍ତି ? 'ଶାହୋ' ଫିଲ୍ମର ଶୁଟିଂ କେମିତି ଶେଷ ହେବ ସେ ନେଇ ସେ ଦିନ ଗଣୁଥିଲେ। କାରଣ ପିକ୍ଚରାଇଜେଶନରେ ଯେମିତି ଟିକିଏ ହେଲେ ତ୍ରୁଟି ନ ରହେ ଏବଂ ତାହା 'ବାହୁବଳୀ'ଠାରୁ ଆହୁରି ଆଟ୍ରାକ୍ଟିଭ ହୁଏ ସେଥିପାଇଁ ବେଶ୍ ସତର୍କତାର ସହ ଶଟ୍ ଦେଉଥିଲେ ସେ। କେବଳ ସେ ନୁହନ୍ତି ସମସ୍ତ କଳାକାର ନିଜ ଭୂମିକା ଏବଂ ଶଟ୍‌କୁ ବେଶ୍ ଗୁରୁତ୍ୱ ଦେଉଥିଲେ। ଏ ବିଷୟରେ ପ୍ରଭାସ କହନ୍ତି, 'ଶାହୋ' ଶୁଟିଂ ସମୟରେ ଅନେକ ମଜା ହୋଇଛି। ହେଲେ ତା' ଭିତରେ ଆମେ ନିଜ ରୋଲ୍‌କୁ କେବେ ଅବହେଳା କରିନାହୁଁ। ନିକଟରେ ଏହାର ଶୁଟିଂ ଅଷ୍ଟ୍ରିଆରେ ହେଉଥିଲା। ହଠାତ୍ ବର୍ଷା ହେବାରୁ ଆମକୁ କେବୁଲ କାର୍ ଭିତରେ କିଛି ଘଣ୍ଟା କଟାଇବାକୁ ପଡିଥିଲା। ତେବେ ଏହି ଫିଲ୍ମଟି ନିଶ୍ଚୟ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ୟୁ. ଭି. କ୍ରିଏସନ୍ସ ବ୍ୟାନରରେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁଜିତ। ପ୍ରଭାସ-ଶ୍ରଦ୍ଧା କପୁର ଅଭିନୀତ 'ଶାହୋ' ତିନୋଟି ଭାଷା-ତାମିଲ, ତେଲୁଗୁ ଏବଂ ହିନ୍ଦୀରେ ନିର୍ମିତ ହୋଇଛି। ଉକ୍ତ ଆକ୍ସନ-ଥ୍ରୀଲର ସିନେମାର ବଜେଟ ରହିଛି ପାଖାପାଖି ୩୦୦କୋଟି। ଫିଲ୍ମଟି ଚଳିତବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଯାଉଛି।

# ଆପାର୍ଟମେଣ୍ଟ ପାଇଁ..

ଏଭଳି ଆପାର୍ଟମେଣ୍ଟ ଯଦି ହାତରୁ ଖସିଯାଏ ତେବେ ପୁଣି ଥରେ ମିଳିବା ମୁସ୍କିଲ। ତେଣୁ ଯେମିତି ହେଉ ପଛକେ ଏହାକୁ କିଣିବାକୁ ପଡିବ। ସେଥିପାଇଁ ପ୍ରକୃତ ମୂଲ୍ୟର ଦୁଇ ଗୁଣା ଦେବାକୁ ଦେଖୁ ଦେଖୁ ରାଜି ହୋଇଯାଇଥିଲେ। ସେ କିଏ ଜାଣନ୍ତି ? ଦକ୍ଷିଣ ଭାରତୀୟ ଅଭିନେତ୍ରୀ ତମନ୍ନା। କଥା କ'ଣ କି ପଶ୍ଚିମ ବମ୍ବେରେ ସେ ଏକ ବିଳାସମୟ ଆପାର୍ଟମେଣ୍ଟ କିଣିବାକୁ ମନ ବଳାଇଲେ। ଆରବ ସାଗର ଉପକୂଳରେ ଅବସ୍ଥିତ ଏହି ଆକର୍ଷଣୀୟ ଆପାର୍ଟମେଣ୍ଟର ଯେତେବେଳେ ମୂଲଚାଲ କରାଗଲା ତାହା ଶୁଣି ତମନ୍ନାଙ୍କ ଆଖି ଖୋସି ହୋଇଯାଇଥିଲା। କାରଣ ଜଣକ ପରେ ଜଣେ ଏହାକୁ ଅଧିକ ରେଟ୍‌ରେ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହା ଦେଖି ସେ ଏକ ଅଭିନବ ଉପାୟ ଆପଣେଇଥିଲେ। ଏକାଥରେ ସେ ଏହାର ଦୁଇ ଗୁଣା ମୂଲ୍ୟ ଦେବାକୁ ରାଜି ବୋଲି କହିବା ପରେ ମୂଲଚାଲ ଆଉ ଆଗେଇ ନ ଥିଲା। ଶୁଣିବାକୁ ମିଳୁଛି ଯେ ଏହି ମନପସନ୍ଦର ଆପାର୍ଟମେଣ୍ଟ କିଣିବାକୁ ସେ କୁଆଡେ ୧୫କୋଟି ଟଙ୍କା ବ୍ୟୟ କରିଛନ୍ତି। କେବଳ ସେତିକି ନୁହେଁ ଏହାର ଇଣ୍ଟେରିୟର ଡିଜାଇନ୍ ପାଇଁ ସେ ୨କୋଟି ଖର୍ଚ୍ଚ କରିବାକୁ ଯାଉଛନ୍ତି।



ତମନ୍ନା

# ଅର୍ଜୁନ ଯଦି



ପରିଣିତୀ

ଚଳଚ୍ଚିତ୍ରରେ କିସିଂ ଶଟ୍‌ର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ଥରେ ମନେ ପକାନ୍ତୁ ନା 'ଖ୍ୱାଇସ୍' ସିନେମାକୁ। ଏଥିରେ ମଲ୍ଲିକା ଶେରାୱତ କିସ୍ ସିନ୍‌କୁ ନେଇ କେମିତି ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। କେବଳ ସେତିକି ନୁହେଁ ଏପରି ଗରମାଗରମ ଶଟ୍ ପାଇଁ ଇମ୍ରାନ ହାସମୀଙ୍କୁ ଉଦାହରଣ ଭାବରେ ନିଆଯାଇପାରେ। ନିକଟରେ ପରିଣିତୀ ଚୋପ୍ରା କଥା ପ୍ରସଙ୍ଗରେ ଏଭଳି ପ୍ରଶ୍ନର ସମ୍ମୁଖୀନ ହୋଇଥିଲେ। 'ଯଦି କ୍ୟାମେରା ସାମନାରେ କେବେ କିସ୍ ଶଟ୍ ପାଇଁ ଆପଣଙ୍କୁ କୁହାଯାଏ ତେବେ କେଉଁ ଅଭିନେତାଙ୍କୁ ଚଏସ କରିବେ ?'-ଏପରି ପ୍ରଶ୍ନ ଶୁଣିବା ପରେ ସେ ପ୍ରଥମେ ହଡବଡେଇ ଯାଇଥିଲେ। ଏହାର କି ଉତ୍ତର ଦେବେ ଠିକ୍ କରିପାରି ନ ଥିଲେ। ଯଦି ଏପରି ପରିସ୍ଥିତି କେବେ ଆସେ ତେବେ ମୁଁ ଦୁଇ ଜଣ-ଅର୍ଜୁନ କପୁର, ସିଦ୍ଧାର୍ଥ ମାଲହୋତ୍ରାଙ୍କ ଭିତରୁ ଜଣଙ୍କୁ ଚଏସ କରିବି। ସେମାନଙ୍କ ଭିତରୁ କିଏ ହୋଇଥିବ ସେ ନେଇ ଆପଣମାନେ ହୁଏତ ଅଡୁଆରେ ପଡିଯିବେଣି। ତାହା ମଧ୍ୟ ମୁଁ କ୍ଲିୟର କରିଦେବି। ସେ ହେଲେ ଅର୍ଜୁନ କପୁର। ତାଙ୍କ ସହ ଲିପ୍-ଲକ୍ ଶଟ୍ ଦେବାକୁ ମୁଁ କୁଣ୍ଠାବୋଧ କରିବି ନାହିଁ। କାରଣ ତାଙ୍କ ସହ ମୋ କେମେଷ୍ଟ୍ରି ବେଶ୍ ଜମିବ ବୋଲି କହିଛନ୍ତି ପରିଣିତୀ।

# ସବ୍ୟସାଚୀ ଯାହା ଚାହୁଁଥିଲେ..



ବେଳେବେଳେ ଆଶା କରୁଥିବା ଜିନିଷ ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି ମନପସନ୍ଦର ଭୂମିକାଟିଏ ପାଇବା ପରେ ଓଲିଉଡ୍‌ର ପାଗଳପ୍ରେମୀ ସବ୍ୟସାଚୀ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। ଓଡ଼ିଆ-ଛତିଶଗଡି ଫିଲ୍ମ 'ମାଲ ମହୁ ଜୀବନ ମାଟି : ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ତାଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଅବଶ୍ୟ ଏହାପୂର୍ବରୁ ତାଙ୍କ ଅଭିନୀତ ଅନେକ ସିନେମାରେ ମିଳିଥିବା ଭିନ୍ନ ସ୍ୱାଦର ରୋଲ୍‌ଗୁଡିକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି। ଅନ୍ୟପକ୍ଷରେ ନୂଆ ଓଡ଼ିଆ ସିନେମା 'ଅଭିମାନ'ରେ ତାଙ୍କୁ ମିଳିଛି ଏକ ମନଲାଖି ଭୂମିକା। ଏ ସମ୍ପର୍କରେ ସେ କହନ୍ତି, 'ମନପସନ୍ଦର ରୋଲ୍‌ଟିଏ କିଏ ବା ନ ଚାହେଁ ? ପ୍ରଥମ କଥା ହେଲା ଏହି ଫିଲ୍ମର ଟାଇଟଲ 'ଅଭିମାନ' ମୋତେ ବେଶ୍ ପ୍ରଭାବିତ କରିଥିଲା। ଯେଉଁ ଭୂମିକାଟି ମିଳିଛି ସେ ବିଷୟରେ ଏବେଠାରୁ କହିବି ନାହିଁ। ସେଥିରେ ଅନେକ କିଛି ସ୍ପେଶାଲ ରହିଛି। ଦର୍ଶକ ଯେତେବେଳେ ସିନେମାଟିକୁ ପରଦାରେ ଦେଖିବେ ସେ ବିଷୟରେ ଜାଣିପାରିବେ। ସିଦ୍ଧାର୍ଥ ମ୍ୟୁଜିକ୍ (ପୂର୍ବରୁ ସାର୍ଥକ ଫିଲ୍ମସ) ବ୍ୟାନରରେ ସୀତାରାମ ଅଗ୍ରୱାଲଙ୍କ ଦ୍ୱାରା ପ୍ରଯୋଜିତ ଏହା ହେଉଛି ୨୬ ତମ ଚଳଚ୍ଚିତ୍ର। ଖାସ୍ କଥା ହେଲା ଏଥିରେ ସବ୍ୟସାଚୀଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ତାଙ୍କର ପପୁଲାର ଯୋଡି ଅର୍ଚ୍ଚିତା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି) ଏବଂ ସ୍ୱର ସଂଯୋଜନା କରିଛନ୍ତି ବିକାଶ ଦାସ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଚାହିଁଦେଲା। ତା' ଚାହାଣିରେ ମୁଁ ପୁରା ଫସି ଯାଇଛି। ହେଲେ ସେ ମୋତେ ପ୍ରକୃତରେ ପ୍ରେମ କରୁଛି କି ନାହିଁ କେମିତି ଜାଣିବି ?

*–ସୁବାସ ନାୟକ, ସୁନାବେଡା, କୋରାପୁଟ*

**ଉତ୍ତର :** ସେହି ସୁନ୍ଦରୀର ଚାହାଣିକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ସେହି ଚାହାଣିରେ ପ୍ରେମର ଅସଲ ମଞ୍ଜି ଲୁଚି ରହିଛି। ଥରେ ଯଦି ଦୁହେଁ ପ୍ରେମ ଫାଶରେ ବାନ୍ଧି ହୋଇଗଲ ତେବେ ତାହା ଫିଟିବା ଏତେ ସହଜ ନୁହେଁ। କାରଣ 'ଚାହାଣିରୁ ଝରେ ପ୍ରେମର ରସ, ସହଜେ ଫିଟେନା ପ୍ରେମର ଫାଶ'। ବାସ୍, ବେଳକାଳ ଦେଖି ସେହି ସୁନ୍ଦରୀକୁ ମନର କଥା କହି ଦିଅନ୍ତୁ। ଯଦି ମନ ମିଶିଗଲା, ଜାଣନ୍ତୁ ମିଶନ ସକ୍‌ସେସ।

**ପ୍ରଶ୍ନ**–କେଉଁ ରଙ୍ଗର ଝିଅକୁ ପ୍ରେମ କଲେ ପ୍ରେମର ଅସଲ ମଜା ମିଳିଥାଏ ?

*–ତନ୍ମୟ ଦାସ, କେନ୍ଦ୍ରାପଡ଼ା*

**ଉତ୍ତର :** କାଳୀ ଝିଅ ପ୍ରେମ ନିଆରା ନିଆରା ସାବିନୀ ପ୍ରେମ ଖଟା, ଗୋରୀ ଝିଅ ପ୍ରେମ ଫୁଲ୍ ରଙ୍ଗିଲା ସତେ ଫେବିକଲ୍ ଅଠା। ବାସ୍, ଏଥର ଚଏସ କରନ୍ତୁ କେଉଁ ଝିଅକୁ ପ୍ରେମ କରିବେ ! ହେଲେ ଗୋଟିଏ କଥା ମନେ ରଖିବେ ଝିଅଙ୍କର ରଙ୍ଗରେ ପ୍ରେମ ନ ଥାଏ, ଥାଏ ହୃଦୟରେ। ତେଣୁ ସେ ଝିଅ ଗୋରୀ, କାଳୀ କି ସାବିନୀ ହେଉ, ତା' ହୃଦୟ ଯଦି ଜିତି ପାରିଲେ ତେବେ ପ୍ରେମର ଅସଲ ମଜା ମିଳିଥାଏ।

**ପ୍ରଶ୍ନ**–ପ୍ରେମରେ ବିଫଳ ହେବା ପରେ ଅନେକେ ଆତ୍ମହତ୍ୟା କରୁଛନ୍ତି। ଏହା ଠିକ୍ କି ?

*–ସୁଜିତ କୁମାର, ରାଉରକେଲା*

**ଉତ୍ତର :** ଏହା ହେଉଛି ଦୁର୍ବଳ ମନର ମାନସିକତା। ପ୍ରେମରେ ବିଫଳ ହୋଇ ଜୀବନ ହାରିବା କେତେଦୂର ଠିକ୍ ତାହା ଥଣ୍ଡା ମିଜାଜରେ ଚିନ୍ତା କରିବା କଥା। ବିଫଳତାକୁ ସମାଧାନ କରିବାର ଆତ୍ମହତ୍ୟା ଏକମାତ୍ର ମାଧ୍ୟମ ? ଏଭଳି ମାନସିକତାର ବଶବର୍ତ୍ତୀ ହେବା ଆଦୌ ଠିକ୍ ନୁହେଁ। ତେଣିକି ସବୁ କିଛି ନିଜ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମରେ ଧୋକା ପାଇଲେ କାହାକୁ ବେଶି କଷ୍ଟ ଲାଗେ ?

*–ତଥାଗତ ସାହୁ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର :** ଯିଏ ତ ଏଭଳି ପ୍ରେମରେ ଫସି ନାମ ନିଏ ତାକୁ ସବୁ ପିତା ପିତା ଲାଗେ। ବେଳେବେଳେ ଯିଏ ଧୋକା ଦିଏ ନିଜ ଭୁଲ ପାଇଁ ଅନୁତାପ କରିଥାଏ। ହେଲେ ପ୍ରେମରେ ଧୋକା ପାଇଲେ ତାହାକୁ ହଜମ କରିବା ଭାରି କଷ୍ଟ। ତେଣୁ ପ୍ରେମର ଆରମ୍ଭରେ ପରିବେଶକୁ ଏପରି ରଖନ୍ତୁ ଯେମିତି ତା' ଭିତରକୁ ଧୋକା ଭାଇରସ ସହଜରେ ପ୍ରବେଶ କରିପାରିବ ନାହିଁ।

**ପ୍ରଶ୍ନ**–ପ୍ରେମର ନିଆଁ ଥରେ ଛାତି ଭିତରେ ଲାଗିଲେ ତାହା ସହଜରେ ଲିଭେନା। କାହିଁକି ?

*–ଅମର, କଟକ*

**ଉତ୍ତର :** ପ୍ୟାର୍ କା ଲଡୁ ଯୋ ଖାୟା ଓ ପସ୍ତାୟା, ଯୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ ଏହି ଜାଲରେ ଥରେ ବାନ୍ଧି ହୋଇଗଲେ ସେଥିରୁ ମୁକୁଳିବା ଏତେ ସହଜ ହୋଇ ନ ଥାଏ। ପ୍ରେମର ନିଆଁ ଯଦି ଛାତିରେ ଲାଗିଛି, ଲାଗୁ, ଯଦି ପାଣିପାଗ ଭଲ ଅଛି ତେବେ ଆଗକୁ ମାଡି ଚାଲନ୍ତୁ। ଯଦି ସେହି ପ୍ରେମ ପାଣିଚିଆ ହୋଇଥାଏ ତେବେ ତାହା କେତେବେଳେ ଲିଭିଯିବ ଆପଣ ଜାଣିପାରିବେ ନାହିଁ।

ସାଥୀ



# ଚାହାଣିରୁ ଝରେ ପ୍ରେମର ରସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଥମ ରୋଜଗାର**



# ପ୍ରଥମ ଦରମା ଟଙ୍କା ବୋଉ ହାତରେ ଦେଇଥିଲି

ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ରାଜକିଶୋର ପାଣିଗ୍ରାହୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗାଁରେ ମୋର ଜନ୍ମ। ମୋତେ ଯେତେବେଳେ ମାତ୍ର ୬ ମାସ ହୋଇଥିଲା ବାପାଙ୍କର ଅକାଳ ବିୟୋଗ ହେଲା। ଭାଇଭଉଣୀଙ୍କର ଅଣଦେଖା, ନାନା ଲୋକଙ୍କ ନାନା କଥା ଶୁଣି ଶୁଣି ବୋଉ ତା' ମନୋବଳକୁ ଦୃଢ଼ କରିବା ସହ ମୋତେ ମଣିଷ କରିବାକୁ ଅଣ୍ଟା ଭିଡ଼ିଲା। ବାପଘରୁ ଆଣିଥିବା ସୁନାରୁପା ବିକି, ପର ଘରେ ପାଇଟି କରି ସେ ମୋ ମୁହଁରେ ଆହାର ଦେଲା, ଆଉ ମୋତେ ପାଠ ପଢାଇଲା। ଏମିତିରେ ଗାଁ ସ୍କୁଲରୁ ୭ମ ପାସ୍ କରିବା ପରେ ମାମୁଘରେ ରହି ପଢ଼ିଲି। ମାମୁଘର ନିକଟସ୍ଥ କଳାପଥର ଧଳାପଥର ହାଇସ୍କୁଲରୁ ୧୯୬୬ରେ ଏକାଦଶ ପାସ୍ କରିବା ପରେ ଗଡ଼ତରା ଘରୋଇ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ମାସିକ ଚାଳିଶ ଟଙ୍କା ପାଉଣାରେ ମୁଁ ମୋର ଚାକିରି ଜୀବନ ଆରମ୍ଭ କରିଥିଲି। ପ୍ରଥମ ମାସର ଦରମା ବୋଉ ହାତରେ ଦେବାରୁ ସେ ବହୁତ ଖୁସି ହେଲା। ଦୁଇଟଙ୍କାରେ ନଡିଆଟିଏ କିଣି ଗାଁ ଇଷ୍ଟ ଦେବତା ଶ୍ରୀ ବାଲୁଙ୍କେଶ୍ୱରଙ୍କ ପାଖରେ ଭୋଗ କରି ମୋର ମଙ୍ଗଳ କାମନା କଲା। ଏହି ବିଦ୍ୟାଳୟରେ ୫ ବର୍ଷ ଶିକ୍ଷକତା କରିବା ପରେ କଟକସ୍ଥିତ ରାଧାନାଥ ଟ୍ରେନିଂ ସ୍କୁଲରେ ସିଟି କଲି। ସିଟି ପାସ୍ କରି ୧୯୭୪ରେ ଭୁବନେଶ୍ୱର ବ୍ଲକ୍ ଚନ୍ଦକା ପ୍ରାଥମିକ ବିଦ୍ୟାଳୟରେ ସରକାରୀ ଶିକ୍ଷକ ଭାବେ ଯୋଗ ଦେଲି। ୧୯୭୯ରେ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଭୁଆଶୁଣି ପାଟଣା ପ୍ରାଥମିକ ବିଦ୍ୟାଳୟକୁ ମୋର ବଦଳି ହେଲା। ଏହିପରି ଆହୁରି କେତେକ ବିଦ୍ୟାଳୟକୁ ବଦଳି ହୋଇ ଯିବା ପରେ ଶେଷରେ ପ୍ରଧାନ ଶିକ୍ଷକ ପଦବୀରେ ଥାଇ ବେଗୁନିଆ ସମିତି ପ୍ରାଥମିକ ବିଦ୍ୟାଳୟରୁ ୨୦୦୬ରେ ଚାକିରିରୁ ଅବସର ନେଇଥିଲି। ତେବେ ଶିକ୍ଷକତା ସହିତ ଘରୋଇ ଭବେ ଆଇ.ଏ., ବି.ଏ. ଓ ବି.ଇଡି. ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲି। ତା'ଛଡ଼ା ଚାକିରି କାଳ ଭିତରେ ସରକାରଙ୍କ ତରଫରୁ କେତେଥର କର୍ଣ୍ଣେଇ ମାଧ୍ୟମରେ ଶିକ୍ଷା, ସଂସ୍କୃତି ସୁରକ୍ଷା, ସର୍ବଶିକ୍ଷା ଅଭିଯାନ(ସମନ୍ୱୟ, ଉଦୟ ୧ ଓ ୨ ଭାଗ, ସହଯୋଗ, ଉନ୍ମେଷ ୧,୨,୩ ଓ ୪ ଭାଗ, ଭୂମିକା, ସାମର୍ଥ୍ୟ, ସୃଜନ, ସଂଯୋଗୀ ୧ ଓ ୨ ଭାଗ, ମୀନା, ଜାଗୃତି ଇତ୍ୟାଦି)ର ଟ୍ରେନିଂ ମଧ୍ୟ ନେଇଥିଲି। କେବଳ ଟ୍ରେନିଂ ନେଉଥିଲି ତାହା ନୁହେଁ ଅନେକ ଥର ଜିଲା ତଥା ବ୍ଲକସ୍ତରୀୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ନେଇ ତାଲିମ ବି ଦେଇଥିଲି। ସେହିପରି ୨୫ରୁ ଊର୍ଦ୍ଧ୍ୱ ବିଭିନ୍ନ ସ୍ମରଣିକାର ସମ୍ପାଦନା ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲି। ଯେଉଁଥିପାଇଁ ୨୦୦୫ରେ ମୋତେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ମିଳିଥିଲା। ତେବେ ଶିକ୍ଷକତା ଜୀବନ ବାଦ୍ ବିଭିନ୍ନ ସଚେତନତା ଧର୍ମୀ (ଯେମିତିକି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନିଶା ନିବାରଣ, ଏଡ୍‌ସ, କନ୍ୟାଭ୍ରୁଣ ସୁରକ୍ଷା, ଗୋସମ୍ପଦର ସୁରକ୍ଷା, ପିତାମାତାଙ୍କୁ ଅବହେଳା ନ କରିବା ଆଦି ସମ୍ବନ୍ଧରେ) ଲେଖା ଲେଖିବାରେ ମୋର ବିଶେଷ ରୁଚି ଥିଲା। ଯା'ଭିତରେ ପ୍ରାୟ ୨୦ ଖଣ୍ଡ ସଚେତନତା ଧର୍ମୀ ପୁସ୍ତକ ମୋର ପ୍ରକାଶ ପାଇସାରିଲାଣି, ଯାହାକୁ ମୁଁ ବିଭିନ୍ନ ସଭାସମିତିରେ ଯୋଗ ଦେବାକୁ ଗଲାବେଳେ ଲୋକମାନଙ୍କୁ ମାଗଣାରେ ବାଣ୍ଟି ଥାଏ। ଲେଖାଲେଖି ସହିତ ଗଛ ଲଗାଇବା ଓ ପରିବେଶ ସୁରକ୍ଷା ପ୍ରତି ଜନସଚେତନତା ସୃଷ୍ଟି କରାଇବା ଦିଗରେ ବି ମୋର ଅନେକ ଭୂମିକା ରହିଛି। ଯେଉଁଥିପାଇଁ ୨୦୦୮ରେ ମୋତେ ପ୍ରକୃତିବନ୍ଧୁ ପୁରସ୍କାର ବି ମିଳିସାରିଛି। ସେହିପରି ଯା'ଭିତରେ ଜଣେ କବି, ଶିକ୍ଷାବିତ୍ ଓ ସମାଜସେବୀ ଭାବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ତଥା ସମ୍ମାନିତ ହୋଇସାରିଛି।

**–ଲୋକନାଥ ମିଶ୍ର**

# କାଳିଆ ପାଇଁ ଲୋଡ଼ା ରାଉତପଡ଼ାର ପାଟ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାକୁ ନେଇ ସ୍ୱତନ୍ତ୍ର ପ୍ରଥା, ପରମ୍ପରା ରହିଛି। ଏଥିପାଇଁ ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି ସେବକ ଓ ଭକ୍ତଗଣ। ତେବେ ବିଭୁ କୃପାରେ ଆନନ୍ଦିତ ହେଉଥିବା ଭକ୍ତ ବର୍ଷର ଅନ୍ୟ ଦିନ ଅପେକ୍ଷା ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ନିମନ୍ତେ ପଠାଇଥାନ୍ତି ସ୍ୱତନ୍ତ୍ର ପାଟବସ୍ତ୍ର। ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପି ଧନ୍ୟ ମନେକରନ୍ତି ଏମାନେ। ଏଥିପାଇଁ ଏହି ଗାଁ ନିଆରା ପରିଚୟ ବହନ କରିଥାଏ।

**ଗାଁର ନାଁ ରାଉତପଡ଼ା:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମପଞ୍ଚାୟତର ରାଉତପଡ଼ା ଗାଁ। ଏହି ଗ୍ରାମର ଅଧିକାଂଶ ବାସିନ୍ଦା ବୁଣାକାର ସମ୍ପ୍ରଦାୟର। ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ଗାଁର ବୁଣାକାର ସେବକମାନେ।

**କେବେଠାରୁ:** ପ୍ରାୟ ୧୯୯୨ ମସିହା ଅର୍ଥାତ୍ ଦୀର୍ଘ ୨୭ ବର୍ଷ ଧରି ଏହି ଗାଁର ପ୍ରାୟ ୨୫ଟି ବୁଣାକାର ପରିବାରର ୧୨୦ ଜଣ ସଦସ୍ୟ ଶ୍ରୀମନ୍ଦିରକୁ ବର୍ଷର ବିଭିନ୍ନ ପର୍ବ ସମୟରେ ଶ୍ରୀଜୀଉଙ୍କ ସେବାଲାଗି ପାଟବସ୍ତ୍ର, ଲୁଗା, ଘୋଡ଼ଣି ପରି ବିଭିନ୍ନ ପୂଜାବିଧିର ବସ୍ତ୍ର ଯୋଗାଇ ଆସୁଛନ୍ତି। ୨୦୧୫ରେ ମହାପ୍ରଭୁଙ୍କ ନବକଳେବର ବେଶ ପାଇଁ ୩ ହାତ ଓସାର ୮ ହାତ ଲମ୍ବ, ୨ ହାତ ଓସାର ୧୨ ହାତ ଲମ୍ବ ଏବଂ ୨ ହାତ ଓସାର ୧୪ ହାତ ଲମ୍ବର ୩ ମୂର୍ତ୍ତି ଲେଖାଏଁ(୩ଖଣ୍ଡ)ଏବଂ ୨ ହାତ ଓସାର ୨୪ ହାତ ଲମ୍ବର ୨ ମୂର୍ତ୍ତି(୨ଖଣ୍ଡ), ୨ ହାତ ଲମ୍ବ ସାଢ଼େ ୨ଫୁଟ ଓସାରର ୪ ମୂର୍ତ୍ତି(୪ଖଣ୍ଡ)ର ୨ ସେଟ୍ ଲେଖାଏଁ ତାରାବଳି ପାଟ ପଠାଇବାର ସୁଯୋଗ ପାଇଥିଲେ।

**କି ପ୍ରକାରର ବସ୍ତ୍ର ପଠାଯାଏ:** ମହାପ୍ରଭୁଙ୍କ ପବିତ୍ର ସେବା ଉଦ୍ଦେଶ୍ୟରେ ପୂର୍ବରୁ ଗଜପତି ମହାରାଜାଙ୍କ ନିର୍ଦ୍ଦେଶ ରହିଥିବାବେଳେ ଏହି ଗାଁର ବୁଣାକାର ନିଜକୁ ଧନ୍ୟ ମନେକରନ୍ତି। ରଥଯାତ୍ରାର ପ୍ରାୟ ୬ମାସ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନଠାରୁ ତାଲିକା ମିଳିବା ପରେ ଗାଁର ସେବକମାନେ ପାଟ ବୁଣିବା ପାଇଁ ନିଷ୍ଠାର ସହ ପ୍ରସ୍ତୁତ ହୋଇଥାନ୍ତି। ପ୍ରତିବର୍ଷ ରାମନବମୀଠାରୁ ମହାପ୍ରଭୁଙ୍କ ଲାଗି ପାରମ୍ପରିକ ରୀତିନୀତିରେ ରଙ୍ଗ, ସୂତାର ସ୍ୱତନ୍ତ୍ର ମାପରେ ବସ୍ତ୍ର ତିଆରି କରାଯାଇଥାଏ। ଚଳିତବର୍ଷ ରଥଯାତ୍ରା ପାଇଁ ଚେହେଲି ପାଟ, ବଡ଼ସିଂହାର ବେଶ ପାଇଁ ଗୀତଗୋବିନ୍ଦ ପାଟ, ସାତବାର ପାଇଁ ୭ ରଙ୍ଗର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ୨ ପ୍ରକାରର ଘୋଡ଼ଣି, ୩୫ ପ୍ରକାର ଲୁଗା, ଦେବସ୍ନାନ ପୂର୍ଣ୍ଣିମୀରେ ୧୦୮ ଗରାବଢ଼ୁ ଜଳ ପାଇଁ ଗାମୁଛା ପଠାଯାଇଛି। ସେହିପରି ୨ ହାତ ଓସାର ୪୦ ଗଜ ଲମ୍ବ ନାଲି ରଙ୍ଗର ୧ ସେଟ୍, ୨ ହାତ ଓସାର ୧୪ ଗଜ ଲମ୍ବ ସବୁଜ ରଙ୍ଗ ୧ ସେଟ୍ ଏବଂ ୨ ହାତ ଓସାର ୨୦ ଗଜ ଲମ୍ବ ହଳଦିଆ ରଙ୍ଗର ୧ ସେଟ୍ ପାଟ ମହାପ୍ରଭୁଙ୍କ ଗୁପ୍ତ ସେବାରେ ଲାଗି ପାଇଁ ଯାଇଛି। କଂସାରି ରପି ସଂସାର, ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ ଲେଖାଥିବା ଗୀତଗୋବିନ୍ଦ ନାମକ ଏକପ୍ରକାରର ପାଟ ଠାକୁରଙ୍କ ନିତିଦିନିଆ ରାତି ବଡ଼ସିଂହାର ବେଶ ପାଇଁ ମଧ୍ୟ ଯାଇଛି। ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳ ଚଳନ୍ମଣି କୁଣ୍ଡଳ ମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଠାକୁରଙ୍କ ବଡ଼ସିଂହାର ବେଶ ପାଇଁ ଗୀତଗୋବିନ୍ଦ ପାଟ ମଧ୍ୟ ପଠାଯାଇଛି। ଏହି ପାଟର ଲମ୍ବ ୧୬ ହାତ ଥିବାବେଳେ ଓସାର ୬୦ ଇଞ୍ଚ। ସେହିପରି ସପ୍ତବିଗ୍ରହ ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଭୂଦେବୀ ଏବଂ ସୁଦେବୀଙ୍କ ପାଇଁ ସୂତାର ୨ ପ୍ରକାରର ଘୋଡ଼ଣି ପଠାଯାଇଛି। ଅନ୍ୟପକ୍ଷେ ମହାପ୍ରଭୁଙ୍କ ସେବା ଲାଗି ବର୍ଷର ଅନ୍ୟ ସମୟ ପାଇଁ ୩୦ରୁ ୩୫ ପ୍ରକାରର ଲୁଗା ଯଥା-ନେତ୍ରୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓତା, ଗଦିଫୁଟା ଆଦି ବସ୍ତ୍ର ପୁରୀକୁ ପଠାଯାଇଛି।

**ସେବାରେ ଆନନ୍ଦ ମିଳେ :** ରାଉତପଡ଼ା ଗାଁର ଗୋବିନ୍ଦଚନ୍ଦ୍ର ଦାସ, ଅଶୋକ ଦାସ, କୈଳାସଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ ଓ ଅରକ୍ଷିତ କୁଣ୍ଡୁ ପ୍ରମୁଖ କୁହନ୍ତି, ମହାପ୍ରଭୁଙ୍କ ସେବାରେ ପାଟ, ଲୁଗା ଓ ଗାମୁଛା ଆଦି ବସ୍ତ୍ରକୁ ଯୋଗାଇବାରେ ଖଞ୍ଜା ବ୍ୟବସ୍ଥା ରହିଛି। ଏହି ଗାଁର ପାଟ ସମେତ ଅନ୍ୟାନ୍ୟ ବସ୍ତ୍ରରେ ବୁଣାକାରଙ୍କ କାର୍ଯ୍ୟର ଖର୍ଚ୍ଚ ତୁଳନାରେ ପାରିଶ୍ରମିକ ମିଳୁନାହିଁ। କଞ୍ଚାମାଲ୍‌ର ଅଭାବ ରହୁଥିଲେ ବି ଠାକୁରଙ୍କ ସେବାରେ ଆନନ୍ଦ ମିଳିଥାଏ।


*-ଲୋକନାଥ ମିଶ୍ର, ବନବିହାରୀ ବେହେରା*












## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- ମିଟୁ ଫ୍ୟାଶନ ଫଟୋଗ୍ରାଫି**

# ହାଃ ହାଃ

### ମନେ ରହୁନି

ସାର ପପୁକୁ ପ୍ରଶ୍ନ ପଚାରିବାରୁ ସେ ଉତ୍ତର ଦେଇ ନ ପାରି କହିଲା-ଆଜିକାଲି ମୋର କିଛି ମନେ ରହୁନି।
ସାର୍- କହିଲୁ ଦେଖି ମୋ ହାତରୁ କେବେ ମାଡ ଖାଇଥିଲୁ ?
ପପୁ- ପୂର୍ବ ଶୁକ୍ରବାର।
ସାର୍- ଏଇଟା କେମିତି ମନେ ରହିଲା ?
ପପୁ-ସାର୍ ମୋର ପ୍ରାକ୍ଟିକାଲ୍‌ରେ ନୁହେଁ ଥିଓରୀରେ ଏଇ ସମସ୍ୟା ହେଉଛି।

### ଅବିବାହିତ

ରମେଶ ଗୋପାଳକୁ-ତତେ ଆସି ୫୦ ବର୍ଷ ହେଲାଣି ବାହା ହଉନୁ କାହିଁକି ?
ଗୋପାଳ-ମା' କହିଲା ମୋ ପୁଅକୁ ସେଇ ଝିଅ ସହିତ ବାହା କରେଇବି, ଯିଏ ଆଧାର କାର୍ଡରେ ବି ସୁନ୍ଦର ଦେଖାଯାଉଥିବ। ସେଇଥିପାଇଁ ଆଜି ପର୍ଯ୍ୟନ୍ତ ବାହା ହୋଇପାରିଲିନି।

### ଚୁପ୍

ବାପା ପୁଅକୁ- ଆଜି ଘର ଏତେ ଶାନ୍ତ ଜଣାପଡୁଛି। ତୋ ମା' କ'ଣ ପୂରା ପୁରି ଚୁପ୍ ରହିଛି।
ପୁଅ- ସବୁ ମୋ ପାଇଁ ହେଇଛି ବାପା।
ବାପା- କ'ଣ କରିଛୁ କିରେ ?
ପୁଅ- ମା' ମତେ ତାଙ୍କ ଲିପ୍‌ଷ୍ଟିକ୍ ମାଗିଲେ। ହେଲେ ମୁଁ ଭୁଲ୍‌ରେ ଫେଭି କୁଇକ୍ ଦେଇଦେଲି।
ବାପା- ଯାହା ହଉ ଏତେଦିନ ପରେ ଗୋଟେ ଭଲ କାମ କରିଛୁ।



# ଓଡ଼ିଶା ବାହାରେ ଜଗନ୍ନାଥ ମନ୍ଦିର

**ଜଗତର ନାଥ ଶ୍ରୀଜଗନ୍ନାଥ। ତାଙ୍କ ରୂପ ଯେମିତି ସୁନ୍ଦର, ମହିମା ବି ସେମିତି ବିଶ୍ୱବିଖ୍ୟାତ। ଖାସ୍ ସେଇଥିପାଇଁ ତ ତାଙ୍କ ଦର୍ଶନ ନିମନ୍ତେ ଦୂରଦୂରାନ୍ତରୁ ଭକ୍ତଗଣ ବଡ଼ଦେଉଳକୁ ଧାଇଁ ଆସନ୍ତି। ତାଙ୍କ ଦେଉଳ ଅର୍ଥାତ୍ ପୁରୀର ଜଗନ୍ନାଥ ମନ୍ଦିର କଥା କାହାକୁ ବା ଅଗୋଚର! ହେଲେ ଜାଣନ୍ତି କି ପୁରୀର ଜଗନ୍ନାଥ ମନ୍ଦିର ପରି ଓଡ଼ିଶା ବାହାରେ ବି ଅନେକ ସ୍ଥାନରେ ଏମିତି ଜଗନ୍ନାଥ ମନ୍ଦିର ଅଛି, ଯେଉଁଠି ପୂଜା ପାଉଛନ୍ତି ଜଗନ୍ନାଥ, ବଳଭଦ୍ର ଆଉ ଭଗିନୀ ସୁଭଦ୍ରା...**

**ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର:** ହାଇଦ୍ରାବାଦର ବଞ୍ଜାରା ହିଲ୍ସ ନିକଟରେ ଅଛି ଏକ ଜଗନ୍ନାଥ ମନ୍ଦିର, ଯାହା ୨୦୦୯ରେ ନିର୍ମିତ ହୋଇଥିବା ସୂଚନା ରହିଛି। କୁହାଯାଏ, ହାଇଦ୍ରାବାଦରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟ ଲୋକମାନଙ୍କର ମିଳିତ ସହଯୋଗରେ ଏହି ମନ୍ଦିରଟି ନିର୍ମିତ ହୋଇଛି। ସେହିପରି ପୁରୀ ଜଗନ୍ନାଥ ମନ୍ଦିରର କିଛିଟା କାରୁକାର୍ଯ୍ୟକୁ ଅନୁକରଣ କରି ଉକ୍ତ ମନ୍ଦିରକୁ ନିର୍ମାଣ କରାଯାଇଛି ବୋଲି ଅନେକେ ମତ ଦେଇଥାଆନ୍ତି। ବିଶେଷକରି ଏହି ମନ୍ଦିରର ଶିଖରଟି ଖୁବ୍ ଆକର୍ଷଣୀୟ ଲାଗିଥାଏ। ସ୍ୟାଣ୍ଡଷ୍ଟୋନ୍‌ରେ ନିର୍ମିତ ଉକ୍ତ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବ୍ୟତୀତ ମା'ଲକ୍ଷ୍ମୀ, ଦେବ ଦେବ ମହାଦେବ, ଗଣେଶ, ହନୁମାନ, ନବଗ୍ରହ ଇତ୍ୟାଦି ଦେବଦେବୀଙ୍କୁ ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ରଥଯାତ୍ରା ବି ଏଠାରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ, ଯାହାକୁ ଦେଖିବା ପାଇଁ ଦର୍ଶକଙ୍କର ବେଶ୍ ଭିଡ଼ ଜମିଥାଏ।

**ରାଞ୍ଚି ଜଗନ୍ନାଥ ମନ୍ଦିର:** ସୂଚନାନୁଯାୟୀ, ରାଞ୍ଚିସ୍ଥିତ ଜଗନ୍ନାଥ ମନ୍ଦିରକୁ ବରକାଗଡ଼ ଜଗନ୍ନାଥପୁରର ରାଜା ଠାକୁର ଅନି ନାଥ ଶାହଦେଓ ୧୬୯୧ ମସିହାରେ ନିର୍ମାଣ କରାଇଥିଲେ। ଏହା ସ୍ଥାନୀୟ ଏକ ପାହାଡ଼ ଉପରେ ନିର୍ମିତ ହୋଇଥିଲା। କିନ୍ତୁ ୧୯୯୦ ମସିହା ବେଳକୁ ଏହି ମନ୍ଦିରଟି ଭାଙ୍ଗିଗଲା। ଏହାପରେ ଉକ୍ତ ମନ୍ଦିରକୁ ପୁନରୁଦ୍ଧାର କରିବା ପାଇଁ ସେତେବେଳର ବିହାର ସରକାର ଓ କେତେଜଣ ବିଶିଷ୍ଟ ସହୃଦୟ ବ୍ୟକ୍ତି ଆଗେଇ ଆସିଥିଲେ। ଏଣୁ ୧୯୯୨ ମସିହାରେ ଏହି ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ନୂତନ ଭାବେ ନିର୍ମିତ ଉକ୍ତ ଜଗନ୍ନାଥ ମନ୍ଦିରର ନିର୍ମାଣଶୈଳୀ ପୁରୀ ଜଗନ୍ନାଥ ମନ୍ଦିରର ନିର୍ମାଣଶୈଳୀ ସହ ସାମାନ୍ୟ ସାମଞ୍ଜସ୍ୟ ରହିଛି। ଅନ୍ୟପକ୍ଷେ ପୁରୀ ଭଳି ବି ଏଠାରେ ପ୍ରତିବର୍ଷ ରଥଯାତ୍ରା ବେଶ୍ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ତେବେ ପାହାଡ଼ ଉପରେ ନିର୍ମିତ ହୋଇଥିବାରୁ ଭକ୍ତମାନେ ଚାହିଁଲେ ଏଠାକୁ ନିର୍ମିତ ହୋଇଥିବା ପାହାଚରେ ଚଢି ଚଢି ଯାଇପାରିବେ। ସେହିପରି ପାହାଡ଼ ଉପରକୁ ଗାଡ଼ିରେ ବସି ଯିବାର ସୁବିଧା ମଧ୍ୟ ରହିଛି।



ରାଞ୍ଚି ଜଗନ୍ନାଥ ମନ୍ଦିର

**ଚେନ୍ନାଇସ୍ଥିତ ଜଗନ୍ନାଥ ମନ୍ଦିର:** ଚେନ୍ନାଇସ୍ଥିତ ରେଡ୍ଡି କୁପ୍ପମ୍ ରୋଡଠାରେ ଥିବା ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ ବି ବେଶ୍ ଆକର୍ଷଣୀୟ। ପୁରୀ ଜଗନ୍ନାଥ ମନ୍ଦିର ସହିତ ମଧ୍ୟ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ରହିଛି। ପୁରୀ ମନ୍ଦିରରେ ଯେମିତି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହକୁ ନିମ୍ବକାଠରେ ନିର୍ମାଣ କରାଯାଇଥାଏ, ଠିକ୍ ସେମିତି ଚେନ୍ନାଇରେ ଥିବା ଜଗନ୍ନାଥ ମନ୍ଦିରରେ ନିମ୍ବକାଠରେ ନିର୍ମିତ ବିଗ୍ରହମାନଙ୍କୁ ପୂଜା କରାଯାଇଥାଏ। ଏହି ତିନି ବିଗ୍ରହଙ୍କ ବ୍ୟତୀତ ଏଠାରେ ଦେବ ଦେବ ମହାଦେବ, ଗଣେଶ, ମା' ବିମଳାଙ୍କୁ ବି ପୂଜା କରାଯାଇଥାଏ। ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ଧୁମ୍‌ଧାମ୍‌ରେ ରଥଯାତ୍ରା ପାଳନ କରାଯାଏ। କିନ୍ତୁ ପୁରୀରେ ତିନି ବିଗ୍ରହଙ୍କର ତିନୋଟି ରଥ ନିର୍ମାଣ ହେଉଥିବାବେଳେ ଏଠାରେ ଗୋଟିଏ ରଥ ନିର୍ମାଣ ହୋଇଥାଏ, ତାହା ପୁଣି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ରଥ, ଯାହାକୁ କାଠ ଓ ରଙ୍ଗିନ କପଡ଼ାରେ ସୁସଜ୍ଜିତ କରିଦିଆଯାଇଥାଏ।

ତେବେ ଓଡିଶା ବାହାରେ କେବଳ ଏହି ତିନୋଟି ସ୍ଥାନରେ ନୁହେଁ, ଅହମ୍ମଦାବାଦ୍, ବାଙ୍ଗାଲୋର୍, ଦିଲ୍ଲୀ, ନୁଆ ମୁମ୍ବାଇ, ରାଜସ୍ଥାନର ଅଲୱାର୍, ପଶ୍ଚିମବଙ୍ଗର ମିଦନାପୁରଠାରେ ବି ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳିଥାଏ।



ବାଙ୍ଗାଲୋର ଜଗନ୍ନାଥ ମନ୍ଦିର

ହାଇଦ୍ରାବାଦ ଜଗନ୍ନାଥ ମନ୍ଦିର





ଚେନ୍ନାଇ ଜଗନ୍ନାଥ ମନ୍ଦିର

# ବରଫରେ ମହାପ୍ରଭୁ



ଜଗତର ନାଥ ହେଉଛନ୍ତି ଜଗନ୍ନାଥ। ସେ ସର୍ବପୂଜ୍ୟ। ସର୍ବମାନ୍ୟ। ସାରା ପୃଥିବୀରେ ତାଙ୍କର ଅସଂଖ୍ୟ ଭକ୍ତ। ନିକଟରେ ରୁଷୀୟାର କିଛି ଭକ୍ତ ତାଙ୍କ ଭକ୍ତିର ନିଦର୍ଶନ ଦେଇଛନ୍ତି। ଆଉ ସାଇବେରିଆର ଏକ ପାହାଡିଆ ଅଞ୍ଚଳରେ ତିଆରି କରିଛନ୍ତି ପ୍ରଭୁଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରାଙ୍କ ବରଫର ବିରାଟକାୟ ପ୍ରତିମୂର୍ତ୍ତି। ଏହି ଅଞ୍ଚଳର ତାପମାତ୍ରା ସାଧାରଣତଃ –୨୩° ସେଣ୍ଟିଗ୍ରେଡ ରହିଥାଏ। ତଥାପି ଅନେକ ଭକ୍ତଙ୍କ ସମାଗମ ଏଠାରେ ହୋଇଥିଲା। ପ୍ରଭୁଙ୍କର ଗୋଟିଏ ଝଲକ ଦେଖିବାକୁ ସେମାନେ ଏଠାକୁ ଛୁଟିଆସିଥିଲେ। ମହାପ୍ରଭୁଙ୍କୁ ପୂଜା କରିବା ସହ ଭକ୍ତମାନେ ଭଜନ ଗାଇଥିଲେ। ଆଉ ତାରି ତାଳେ ତାଳେ ନାଚିଥିଲେ ମଧ୍ୟ।



## କାର୍ଟୁନ କର୍ନର



# ଆଙ୍କର- ଆକ୍ଟର ସୁବାସ



ଯାତ୍ରା ଦେଖିବାକୁ ଯାଉଥିବା ଦର୍ଶକଟିଏ ପ୍ରଥମେ ଯାହାର କଣ୍ଠସ୍ୱର ଶୁଣେ ଆଉ ଯାହାକୁ ସର୍ବପ୍ରଥମେ ମଞ୍ଚରେ ଭେଟେ ସେ ହେଉଛି ଆଙ୍କର ବା ଘୋଷକ। ଓଡ଼ିଆ ଯାତ୍ରା ଜଗତର ସେହିଭଳି ଜଣେ ଆଗଧାଡ଼ିର ଆଙ୍କର ହେଉଛନ୍ତି ସୁବାସ ଚନ୍ଦ୍ର ଜେନା ଓରଫ୍ ଚଗୁଲୁ। ଓଡ଼ିଶାର ପ୍ରତିଷ୍ଠିତ ଯାତ୍ରାନୁଷ୍ଠାନ ବାଘାଯତୀନ ଲୋକନାଟ୍ୟରେ କାର୍ଯ୍ୟରତ ଏହି ଯୁବ ଘୋଷକଙ୍କ ଘର ବାଲେଶ୍ୱର ଜିଲା ସୋର ଅନ୍ତର୍ଗତ ବାଗୁଡ଼ି ଗ୍ରାମରେ। ପାଠ ତ ଭଲ ପଢୁଥିଲେ। ଏଥିସହିତ କଳା ପ୍ରତି ଅଧିକ ରୁଚି ଥିଲା। ଗାଁ ଡ୍ରାମାରେ ପାର୍ଟ କରୁଥିଲେ। ସମସ୍ତେ କହୁଥିଲେ, ଏ ପିଲା କଳା ଲାଇନ୍‌ରେ ଆଗକୁ ଯିବ। ଏତିକିବେଳେ ଆଗକୁ ଆଗେଇ ଆସିଲେ ବଡ଼ଭାଇ ମାନସ କୁମାର ଜେନା। ସାନଭାଇ ଯାତ୍ରାକୁ ଯାଉ। ଖୁବ ସୁନାମ ଅର୍ଜନ କରୁ। ଏହା ଥିଲା ବଡ଼ଭାଇଙ୍କର ଲକ୍ଷ୍ୟ। ବଡ଼ଭାଇଙ୍କର ପ୍ରେରଣାରେ ସୁବାସ ଆସିଲେ ଯାତ୍ରାକୁ। ମାନସ କେବଳ ସୁବାସଙ୍କୁ ଯେ ଯାତ୍ରାକୁ ପଠେଇ ଦେଲେ ସେକଥା ନୁହେଁ, ପ୍ରାଥମିକ ପର୍ଯ୍ୟାୟରେ ଯାତ୍ରାରେ ଯେତିକି ମିଳୁଥିଲା ସେତିକିରେ ଚଳିବା ସୁବାସଙ୍କ ପାଇଁ ସମ୍ଭବ ନ ଥିଲା। ସେଥିଲାଗି ବଡ଼ଭାଇ ତାଙ୍କ ପାଖକୁ ନିୟମିତ ଟଙ୍କା ପଠାଉଥିଲେ। ଫଳରେ ଯାତ୍ରାରେ ରହିପାରିଲେ ସୁବାସ। ସୁବାସ କହନ୍ତି : ଆଜି ସେ ଯାହା ହୋଇଛନ୍ତି ବଡ଼ଭାଇଙ୍କ ପାଇଁ । ସେ ହେଉଛନ୍ତି ତାଙ୍କ ପାଇଁ ସାକ୍ଷାତ ରାମଚନ୍ଦ୍ର। ବାପାଙ୍କୁ ହରେଇ ମଧ ସେ ବାପାଙ୍କର ଅଭାବ ଅନୁଭବ କରିନାହାନ୍ତି। କାରଣ ବଡ଼ଭାଇ ତାଙ୍କ ପାଇଁ ବାପା ହୋଇ ଯାଇଛନ୍ତି। ୨୦୦୫ରେ ସୁବାସ ଆସିଲେ ଯାତ୍ରାକୁ। ପ୍ରଥମ ପାର୍ଟି ଥିଲା ମୁକ୍ତେଶ୍ୱର ଅପେରା। ଇଚ୍ଛାଥିଲା ଅଭିନୟ କରିବେ। ମାତ୍ର ସେତିକିବେଳେ ପାର୍ଟିରେ ଜଣେ ଘୋଷକର ଆବଶ୍ୟକତା ପଡ଼ିଲା। ସୁବାସଙ୍କ ଭଏସ ବେଶ୍ ଥିଲା ଆଙ୍କରିଂ କରିବା ପାଇଁ। ପୁଣି ଗାଁ ଯାତ୍ରାରେ ସେ ଆଙ୍କରି କରୁଥିଲେ। ବାସ୍, ସେ ସମ୍ଭାଳିନେଲେ। ତାଙ୍କ ଦେହରେ ଆଙ୍କର୍‌ର ମୋହର ଲାଗିଗଲା। ତେବେ ସେ ଯେ ଅଭିନୟକୁ ଛାଡ଼ିଦେଲେ ସେକଥା ନୁହେଁ, ସମାନ୍ତରାଳ ଭାବରେ ଚାଲିଲା ଆଙ୍କରିଂ ଆଉ ଆକ୍ଟିଂ। ପରେ ପରେ ସେ ଆସିଲେ ବାଘାଯତୀନ ଲୋକନାଟ୍ୟକୁ। ବାଘାଯତୀନ ଲୋକନାଟ୍ୟର ମାଲିକ ରବୀନ୍ଦ୍ର ରାୟ, ପରିଚାଳକ ରାଜେନ୍ଦ୍ର ମହାନ୍ତି ଓରଫ୍ ଫକ ମଉସା ଏବଂ ଆକ୍ସନ ଷ୍ଟାର ବାପି ପଣ୍ଡାଙ୍କ ଉତ୍ସାହ, ପ୍ରେରଣା ତଥା ଭଲପାଇବା ତାଙ୍କ ଉପରେ ଅଜାଡ଼ି ହୋଇପଡ଼ିଲା। ଆଉ ବାଘାଯତୀନ ହିଁ ତାଙ୍କ ପାଇଁ ଆଣିଦେଲା ସମ୍ମାନ ସ୍ୱୀକୃତି ପ୍ରତିଷ୍ଠା। ଚଳିତବର୍ଷ ବାଘାଯତୀନ ଲୋକନାଟ୍ୟର ଚାରିଗୋଟି ନାଟକରେ ସେ ଅଭିନୟ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'କାହାଣୀ କାନ୍ଦୁଛି ଆଖି ଲୁଚେଇ', 'ପାକିସ୍ତାନୀ ଝିଅ–ଭାରତ କେ ଲିୟେ ସହିଦ', 'ମୃତ୍ୟୁଦଣ୍ଡ' ଏବଂ 'କଳାଓଢ଼ଣି'। ସୁବାସଙ୍କ ସମ୍ବନ୍ଧରେ ଆଉ ଏକ ଖାସ୍ କଥା ହେଉଛି ସେ ବହୁ ଲୋକପ୍ରିୟ ଅଭିନେତାଙ୍କର ଅବିକଳ ମିମିକ୍ରି ବା ସ୍ୱର ନକଲ କରିପାରନ୍ତି। ସେହି ଅଭିନେତାଙ୍କ ମଧ୍ୟରେ ଓଡ଼ିଆରେ ରାଇମୋହନ, ହର ପଟ୍ଟନାୟକ, ମୀନକେତନ, ବିଜୟ ମହାନ୍ତି, ଦୁଃଖୀରାମ ସ୍ୱାଇଁ, ହେମନ୍ତ ଦାସ, ଜୟୀରାମ ସାମଲ, କୁନା ତ୍ରିପାଠୀ, ବ୍ରଜ ସିଂ ଏବଂ ହିନ୍ଦୀରେ ଅମିତାଭ୍ ବଚ୍ଚନ, ରାଜ କୁମାର, ନାନା ପାଟେକର, ଅମରେଶ ପୁରୀ, ପରେଶ ରାୱଲ ଏବଂ ଅମଜାଦ ଖାନ୍‌ଙ୍କ ନକଲ କରି ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଦିଅନ୍ତି। ସୁବାସଙ୍କ ପତ୍ନୀ ପ୍ରମିଳା ଜେନା ମଧ ଯାତ୍ରା ସିଙ୍ଗର।

# ମିତା ଚରିତ୍ରରୁ ମୁକୁଳି ପାରିନି

ସୁକାନ୍ତି ପାଢ଼ୀ ନିଜ ନାମରେ ଯେତିକି ପରିଚିତ ନୁହନ୍ତି ; 'ମୋ ପେଁକାଲି ବଜେଇଦେ' ନାଟକର ଭଉଣୀ ଚରିତ୍ର ସସ୍ମିତା ଜଗଦେବ ଭାବରେ ତା'ଠୁ ବେଶି ପରିଚିତ। ଗୋଟେ ଦିନ ଥିଲା ଭାଇଭଉଣୀର କଥା ଉଠିଲେ ପେଁକାଳି ନାଟକର ଭାଇ ଭଉଣୀ ଚିନ୍ମୟ ଜଗଦେବ ଓ ସସ୍ମିତା ଜଗଦେବ କଥା କୁହାଯାଉଥିଲା। ଘରେଘରେ ପରିଚିତ ହୋଇ ଯାଇଥିଲା ଏହି ନାମ: ମିତା ଓରଫ ସସ୍ମିତା ଜଗଦେବ। ଏ ବାବଦରେ ସୁକାନ୍ତି କହନ୍ତି : ମୋର ଆଜି ବୟସ ହୋଇଯାଇଛି। ମୁଁ ମା' ଚରିତ୍ରରେ ଅଭିନୟ କରୁଛି। ହେଲେ 'ମୋ ପେଁକାଳି ବଜେଇଦେ'ର ସେଇ ମିତା ଚରିତ୍ର ଭିତରେ ମୁଁ ବନ୍ଧା ପଡ଼ିଯାଇଛି। ମୋତେ ଏବେ ବି ମୋ ଭାଇର ମିତା ମିତା ଡାକ ଶୁଭି ଯାଉଛି। ମୁଁ ଯା ଭିତରେ ଅନେକ ନାଟକ କଲିଣି। ହେଲେ ପେଁକାଳି ନାଟକର ସଫଳତା ଆଜି ପର୍ଯ୍ୟନ୍ତ କୌଣସି ନାଟକରୁ ପାଇନାହିଁ। କି ବେଳରେ ସେ ନାଟକ ହୋଇଥିଲା ଯେ, ୬ରୁ ୬୦ବର୍ଷ ବୟସର ଲୋକଙ୍କ ମନରେ ଏବେ ବି ସେହି ଭାଇଭଉଣୀ ଚରିତ୍ର ସ୍ମୃତିଟିଏ ହୋଇ ରହିଛି। ଯେଉଁ ନୂଆପିଢ଼ିର ଦର୍ଶକମାନେ ସେତେବେଳେ ନାଟକଟିକୁ ମଞ୍ଚରେ ଦେଖିପାରି ନଥିଲେ ସେମାନେ ଏବେ ୟୁଟ୍ୟୁବ୍‌ରେ ତାକୁ ଖୋଜିଖୋଜି ଦେଖୁଛନ୍ତି। ଗୋଟେ ଭାଇ, ଗୋଟେ ଭଉଣୀ ଆଉ ଜଣେ ଜେଜେ। ବାସ୍, ଭାଇଭଉଣୀର ଅନାବିଳ ପ୍ରେମ। ଯାହାକୁ ଭୁଲି ପାରିନି କିମ୍ବା ଶେଷ ପର୍ଯ୍ୟନ୍ତ ସୁଦ୍ଧା ଭୁଲି ପାରିବିନି। ପ୍ରତ୍ୟେକ ଯାତ୍ରାଋତୁ ଆସିଲେ ମୁଁ ସେହି ମିତା ଚରିତ୍ରକୁ ମିସ୍‌କରେ। ତେବେ ବୟସର ବାହାନା ଦେଖେଇ ମନକୁ ବୁଝେଇଦିଏ।

ସୁକାନ୍ତି କହନ୍ତି : ମୋର ସତସତିକା ଜୀବନରେ କେହି ଭାଇନାହାନ୍ତି। ସେଇଟା ମୋର ସବୁଠୁ ବଡ଼ ଦୁଃଖ। ମଞ୍ଚରେ ଯେତେବେଳେ ଏଭଳି ଗୋଟେ ସେହ୍ନୀ ଭାଇକୁ ଦେଖେ ମୋ ଛାତି ଭିତରଟା ହାହାକାର କରିଉଠେ। ଭାଇ ନଥିବାର ଦୁଃଖ ମୋ ଆଖି ବାଟେ ଲୁହ ହେଇ ବୋହି ଆସେ। ମୋ ଭିତରର ଭଉଣୀଟା କାନ୍ଦେ। ଆଉ ଭାବେ, ମୋର ଏମିତିକା ଭାଇଟେ ଥାଆନ୍ତା କି?

– ସତକହୁଛି, ବାସ୍ତବ ଜୀବନରେ ଭାଇ ନଥିବାର ଦୁଃଖ ଆଉ ଅବସୋସ ମିତା ଓରଫ ସସ୍ମିତା ଜଗଦେବ ଚରିତ୍ର ସହିତ ପୂରାପୂରି ମିଶିଯାଏ। ସଂଳାପ ସବୁ ପାଟିରୁ ନୁହେଁ; ଛାତି ଭିତରୁ ବାହାରି ଆସେ। ନାଟକ ଭିତରେ ଯେତେବେଳେ ପ୍ରେମିକ ମୋତେ ପଚାରେ– କୁହ, ତୁମ ପାଖରେ କିଏ ବଡ଼? ଭାଇ ନା ପ୍ରେମିକ। ଭାଇ ନା ସ୍ୱାମୀ। ସେତେବେଳେ ମୋତେ ଲାଗେ ଯେମିତି ସତରେ କିଏ ମୋତେ ମୋ ଭାଇଠାରୁ ଅଲଗା କରିନଉଛି। ମୁଁ କହେ ଯେ, ମୋ ଭାଇ ମୋ ପାଇଁ ବଡ଼। ଗୋଟେ ଝିଅ ତା' ପ୍ରେମକୁ ଭୁଲିଯାଇପାରେ, ତା' ପ୍ରେମିକକୁ ଭୁଲି ଯାଇପାରେ ହେଲେ ତା' ଭାଇକୁ କେବେ ଭୁଲି ଯାଇପାରିବନି। ମୋ ଭାଇ ମୋ ପାଇଁ ସ୍ୱର୍ଗ ଠାରୁ ବି ଆହୁରି ବଡ଼।

ଅବଶ୍ୟ ଏ ସଂଳାପ ନାଟ୍ୟକାର ଲେଖିଛନ୍ତି। କିନ୍ତୁ ମୁଁ ଯେତେବେଳେ କହେ ମୋତେ ଲାଗେ ଏ ସଂଳାପ ସବୁ ମୋ ମନକଥା। ମୁଁ ଯେମିତି ମଞ୍ଚରେ ଠିଆ ହୋଇ ଡାଏଲଗ୍ କହୁନି। ସତସତିକା କଥା କହୁଛି। ସମ୍ଭବତଃ ଏହିସବୁ କାରଣ ପାଇଁ ମୁଁ ଯେମିତି ମିତା ଚରିତ୍ରରୁ ମୁକୁଳି ପାରିନି ଠିକ୍ ସେମିତି ଦର୍ଶକମାନେ ମଧ ଆଜି ବି ସେ ଚରିତ୍ରକୁ ମନେରଖିଛନ୍ତି। ସେହି ନାଟକରେ ଅଭିନୟ କରିବା ପରେ ପ୍ରତି ଘରେ ମୁଁ ଗୋଟେ ଭଉଣୀ ପାଲଟି ଯାଇଥିଲି।

ସମ୍ପ୍ରତି ଯାତ୍ରା ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଥିବା ଏହି ବର୍ଷିଆନ୍ ଅଭିନେତ୍ରୀ ଶେଷରେ ହସିହସି କହନ୍ତି : ଆପଣ ଜାଣନ୍ତି, ସେହି ନାଟକ ପରେ ଅଭିନେତା କୈଳାଶ ବେହେରା ମୋ ଭାଇ ହୋଇ ଯାଇଛନ୍ତି। ସେ ମୋତେ ପ୍ରତି ବର୍ଷ ସାବିତ୍ରୀରେ ଶାଢ଼ି ଦିଅନ୍ତି। ଆଉ ମୁଁ ସବୁ ରାକ୍ଷୀ ପୁନେଇରେ ତାଙ୍କ ହାତରେ ରାକ୍ଷୀ ବାନ୍ଧେ। ଅବଶ୍ୟ ଏବର୍ଷ ସେ ଶାଢ଼ୀ କିଣି ଦେଇପାରି ନାହାନ୍ତି। ହେଲେ ମୋତେ ଟଙ୍କା ଦେଇ କହିଛନ୍ତି ସାବିତ୍ରୀରେ ଶାଢ଼ି କିଣି ପିନ୍ଧିନବୁ।



ସୁକାନ୍ତି ପାଢ଼ୀ



# ମମତାମୟୀ ଏଲିଜାବେଥ

ଚେଷ୍ଟାକରି କେହି କାହାକୁ ସ୍ନେହ କିମ୍ବା ମମତା ଦେଇପାରେନା। ତାହା ସ୍ୱତଃପ୍ରବୃତ୍ତ ଭାବରେ ହୃଦୟରୁ ହିଁ ଝରିଥାଏ। ସେମିତି ଜଣେ ମହିଳା ହେଉଛନ୍ତି ଏଲିଜାବେଥ ଲୟର୍ଡ଼। ସେ ଅନ୍ୟମାନଙ୍କ ପାଇଁ ସ୍ନେହର ଭଣ୍ଡାର। ବିଶେଷକରି ଦେଶକୁ ସୀମାନ୍ତରେ ଅହରହ ଜଗି ରହିଥିବା ସୈନ୍ୟଙ୍କ ପାଇଁ ସେ ଜଣେ ମମତାମୟୀ ମା'। ସେ ସବୁସମୟରେ ସୈନ୍ୟମାନଙ୍କୁ ଭେଟନ୍ତି। ଆଉ ସେମାନଙ୍କୁ ଆଲିଙ୍ଗନ କରି ସ୍ନେହ ଅଜାଡ଼ି ଦେଇଥାନ୍ତି। ବିଗତ ଏକ ଦଶନ୍ଧୀ ଧରି ସେ ଏହି କାମ କରି ଆସୁଛନ୍ତି। ଦିନେ ଏକ ଆର୍ମି ବାରାକ୍‌କୁ ବୁଲି ଯାଇଥିଲେ ସେ। ସେଠାରେ ଜଣେ ସୈନ୍ୟଙ୍କୁ ଆଲିଙ୍ଗନ କରିଥିଲେ। ପରେ ଜାଣିଲେ ଯେ, ସେହି ସୈନ୍ୟଜଣକ ଯୁଦ୍ଧକୁ ଯାଉଛନ୍ତି। ତାଙ୍କର ମମତା ତାଙ୍କୁ ଉତ୍ସାହିତ କରିଛି। ବାସ୍, ଏହାପରେ ସେ ଏହାକୁ ଏକ ମିଶନ ବୋଲି ଧରିନେଲେ। ଏବେ ସେ ହେଉଛନ୍ତି ସୈନ୍ୟମାନଙ୍କ ପାଇଁ ମମତାମୟୀ ମା'। ଏଥିପାଇଁ ତାଙ୍କୁ ବହୁ ସମ୍ମାନ ଓ ସ୍ୱୀକୃତି ମିଳିଛି। ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମାତ୍ର ଏଲିଜାବେଥ୍ କହନ୍ତି, ସୈନ୍ୟମାନଙ୍କୁ ଆଲିଙ୍ଗନ କରି ସେମାନଙ୍କୁ ମା'ର ସ୍ନେହ ଦେବା ହେଉଛି ତାଙ୍କ ପାଇଁ ସବୁଠୁ ବଡ଼ ଆନନ୍ଦ।

ଟ୍ୟାକ୍ ପେଜ୍

# ସବୁଜିମାଭରା ଅଟୋ

ଗ୍ରାହକଙ୍କୁ ଯିଏ ଯେତେ ଆକୃଷ୍ଟ କରିପାରେ ତା'ର ବ୍ୟବସାୟ ସେତେ ବଢିଥାଏ । ସେଇଥିପାଇଁ ତ କିଏ କେତେପ୍ରକାର ଉପାୟ ଅବଲମ୍ବନ କରିଥାଆନ୍ତି ଗ୍ରାହକଙ୍କୁ ନିଜ ପାଖକୁ ଟାଣିବା ପାଇଁ । ମହାରାଷ୍ଟ୍ରର ପୁଣେରେ ଏକ ଅଟୋ ଡ୍ରାଇଭର୍ ତ ଏଭଳି ପନ୍ଥା ଆପଣେଇଛନ୍ତି ଯେ, ସାରା ଭାରତରେ ଏବେ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି । ପ୍ରଚଣ୍ଡ ଖରା ଯୋଗୁ ଲୋକେ ଗଛ ଛାଇ ଟିକେ ଖୋଜନ୍ତି । ତେଣୁ ସେ ନିଜ ଅଟୋକୁ ହିଁ ସବୁଜିମାରେ ଭରି ଦେଇଛନ୍ତି । ଆଉ ତାହା ଏତେ ଆକର୍ଷକ ଲାଗୁଛି ଯେ, ଲୋକେ ଆପେ ଟାଣି ହୋଇ ଚାଲି ଆସୁଛନ୍ତି ତାଙ୍କ ଅଟୋ ନିକଟକୁ । ଯଦିଓ ସେହି ଗଛ ଲତା ଓ ଫୁଲ ବାସ୍ତବିକ ନୁହେଁ ତଥାପି ସେହି କୃତ୍ରିମ ଲତାଫୁଲର ସାଜସଜ୍ଜା ଲୋକଙ୍କୁ ବାଧ୍ୟ କରୁଛି ଘଡିଏ ଅଟକି ଅଟୋକୁ ଦେଖିବାକୁ । ଅଟୋର ଛାତ, ସିଟଠାରୁ ଆରମ୍ଭ କରି ସବୁ ଅଂଶକୁ ସେ କୃତ୍ରିମ ଲତା,ଘାସ ଓ ଫୁଲରେ ସଜାଇଛନ୍ତି । ଆଉ ତାହା ସତସତିକା ଘାସ, ଫୁଲ, ଲତା ପରି ହିଁ ଦେଖାଯାଏ । ଅଟୋ ମାଲିକ ଇବ୍ରାହିମ ଇସ୍ମାଇଲ ତମ୍ବୋଲିଙ୍କ ଏହି ପ୍ରୟାସକୁ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି ।







# କଳା ଓ ସ୍ଥାପତ୍ୟର ଅଦ୍ଭୁତ ମିଶ୍ରଣ

ନିଜ ସ୍ୱପ୍ନର ଘରକୁ ସୁନ୍ଦରକରି ତୋଳିବାକୁ ସମସ୍ତେ ଚାହାନ୍ତି । ତେଣୁ ବିଭିନ୍ନ ସ୍ଥପତିଙ୍କ ସାହାଯ୍ୟ ବି ନିଅନ୍ତି । ତେବେ ଏମିତି ଜଣେ ସ୍ଥପତି ଅଛନ୍ତି, ଯେ ଘରକୁ ଏଭଳି ଲୁକ୍ ଦେଇପାରିବେ, ଯାହା ହୋଇଯିବ ଗୋଟେ ଗୋଟେ ସପ୍ତ ଆଶ୍ଚର୍ଯ୍ୟ ଭଳି । କେବେ ଆପଣ ତରଳି ବୋହି ଯାଉଥିବା ଭଳି ଘର, ଓଲଟା ଠିଆ ହୋଇଥିବା ଘର, ଚେନ୍ ଦ୍ୱାରା କାନ୍ଥ ଖୋଲି ଯାଉଥିବା ଭଳି ଘର, ଘରର ମଝିରୁ ଭାଙ୍ଗି ବିନା ସାହାରାରେ ଝୁଲି ରହିଥିବା ଖମ୍ବ, କାନ୍ଥ ଦେଖିଛନ୍ତି ? ଏହି ଘରସବୁ ଏହି ସ୍ଥପତି ହିଁ ତିଆରି କରିଛନ୍ତି । ତାଙ୍କର ଏହି ଘର ସବୁରେ କଳା, ସ୍ଥାପତ୍ୟ, ଇଞ୍ଜିନିୟରିଂ ଓ ସୃଜନଶୀଳତାର ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳେ । ଏହି ଜଟିଳ କାର୍ଯ୍ୟକୁ ସେ ଏଭଳି ଗଢିଥାଆନ୍ତି ଯେ, ତାହା ବେଶ୍ ସରଳ ଦେଖାଯାଏ । କିନ୍ତୁ ବୁଝି ହୁଏନା ଏହା କିଭଳି ସମ୍ଭବ ହୋଇଛି ବୋଲି । ଏହି ସ୍ଥପତିଙ୍କ ନାମ ହେଉଛି ଆଲେକ୍ସ ଚିନେକ୍ । ସେ ଚେଲ୍ସି କଲେଜ ଅଫ୍ ଆର୍ଟରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ଏବଂ ରୟାଲ୍ ବ୍ରିଟିଶ ସୋସାଇଟି ଅଫ୍ ସ୍କଲ୍ପଚରସ୍‌ର ସଦସ୍ୟ ବି ଅଛନ୍ତି । ଅଦ୍ଭୁତ ଘର ବ୍ୟତୀତ ସେ ଅନେକ ଅଦ୍ଭୁତ ସ୍ଥାପତ୍ୟ ବି ଗଢିଛନ୍ତି, ଯାହା ସମସ୍ତଙ୍କୁ ଚକିତ କରାଇଥାଏ ।







